ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଏ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 16 | 20 - 26 April 2025 | Sambalpur | Pages- 8 | Invitation Price Rs.10

# ଆଗାମୀ ୨-୩ ଦଶନ୍ଧି ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ: ଡକ୍ଟର ପି.କେ.ମିଶ୍ର












## ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର: ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ଗଢି ତୋଳିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ ଦ୍ୱାରା ଏହି ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି । ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀ ମାନଙ୍କର ଏକ ବିଶେଷ ଭୂମିକା ରହିଛି । ତେଣୁ ଆଗାମୀ ଦୁଇ ତିନି ଦଶନ୍ଧି ଛାତ୍ରଛାତ୍ରୀ ଏବଂ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଡକ୍ଟର ମିଶ୍ର ତାଙ୍କର ଦୀକ୍ଷାନ୍ତ ଅଭିଭାଷଣରେ କହିଥିଲେ ଯେ, କୋଭିଡ୍ ପରବର୍ତ୍ତୀ ସମୟର ଜଟିଳ ଅନ୍ତରାଷ୍ଟ୍ରୀୟ ସମ୍ପର୍କ ଉଭୟ ଅର୍ଥନୀତି ଓ ରାଜନୀତି ଉପରେ ଚାପ ସୃଷ୍ଟି କରୁଛି । ଜଗତୀକରଣକୁ ନେଇ ଏବେ ଯେମିତି ଆଭିମୁଖ୍ୟ ବଦଳୁଛି, ତାହା ପୂର୍ବରୁ କେବେ ଦେଖାଯାଇ ନ ଥିଲା । ନିକଟରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ପାରସ୍ପରିକ ଶୁଳ୍କ ବିଶ୍ୱ ଅର୍ଥନୀତିରେ ସୁଦୂର ପ୍ରସାରୀ ପ୍ରଭାବ ପକାଇବ । ସମ୍ପ୍ରତି ବିଶ୍ୱ ଅର୍ଥନୀତି ଏକ ଆହ୍ୱାନପୂର୍ଣ୍ଣ ସମୟ ଦେଇ ଗତି କରୁଛି । ଗୋଟିଏ ପଟେ ଅନ୍ତର୍ଜାତୀୟ ସମ୍ପର୍କରେ ବ୍ୟାପକ ପରିବର୍ତ୍ତନ ଏବଂ ଅନ୍ୟପଟେ ବୈଷୟିକ ଜ୍ଞାନକୌଶଳର ଅଭୂତପୂର୍ବ ବିକାଶ ଭିତରେ ଭାରତକୁ ନିଜର ଭବିଷ୍ୟତର ରୂପରେଖ ପ୍ରସ୍ତୁତ କରିବା ପାଇଁ ପଡିବ ।

ଡକ୍ଟର ମିଶ୍ର ପୁଣି କହିଥିଲେ ଯେ, ମହିଳା ମାନଙ୍କ ବିଭିନ୍ନ କ୍ଷେତ୍ରରେ ମହିଳା ମାନଙ୍କ ସଂରକ୍ଷଣ ନେଇ ଦାବି ହେଉଛଥିବା ବେଳେ ଆଇଆଇଏମ୍ ସମ୍ବଲପୁରରେ ୬୦ ପ୍ରତିଶତ ଛାତ୍ରୀ ଅଧ୍ୟୟନ କରୁଥିବା ଏକ ଶୁଭ ସଙ୍କେତ । ବିଶ୍ୱ ମାନଚିତ୍ରରେ ଭାରତ ଏବେ ମର୍ଯ୍ୟାଦାଜନକ ସ୍ଥାନ ହାସଲ କରିଛି । କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି, ଯୁବ ଜନସଂଖ୍ୟା, ଉନ୍ନତ ଭିତ୍ତିଭୂମି ଏବଂ ବୈଷୟିକ ଜ୍ଞାନ କୌଶଳ ଭାରତର ସ୍ଥିତିକୁ ବିଶ୍ୱ ପ୍ରେକ୍ଷାପଟରେ ମଜବୁତ କରିଛି । ଭାରତକୁ ବାର୍ଷିକ ୮-୧୦ ମିଲିୟନ୍ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ଅଛି । ସରକାରଙ୍କ ଡିଜିଟାଲ୍ ଇଣ୍ଡିଆ ଓ ସ୍କିଲ୍ ଇଣ୍ଡିଆ ପାଇଁ ଘରୋଇ ଶିଳ୍ପରେ ଦକ୍ଷ ଯୁବକ/ଯୁବତୀଙ୍କୁ ନିଯୁକ୍ତି ଦେବା ପାଇଁ ପଡିବ । ସଫଳତା ପାଇଁ କେବଳ ବୈଷୟିକ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ । ବ୍ୟକ୍ତିଗତ ପ୍ରଜ୍ଞା ଅପେକ୍ଷା ସାମୁହିକ ଭାବେ କାର୍ଯ୍ୟ କରିବାର ଦକ୍ଷତା ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ ବୋଲି ଡକ୍ଟର ମିଶ୍ର କହିଥିଲେ ।

ଆଇଆଇଏମ୍ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ଣ୍ଣସ୍‌ର ଅଧକ୍ଷା ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟଙ୍କ ଅଧକ୍ଷତା ତଥା ଅମୃତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ବୋଷ୍ଟନ କନସଲଟିଂ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଆଶୀଷ ଗର୍ଗ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଅତିଥି ପରିଚୟ ଏବଂ ବିବରଣୀ ପାଠ କରିଥିଲେ । ଏହି ଅବସରରେ ୩୧୩ ଜଣ ଏମ୍.ବି.ଏ, ୩୮ ଜଣ ଏକ୍‌ଜିକ୍ୟୁଟିଭ୍ ଏମ୍.ବି.ଏ ଛାତ୍ରଛାତ୍ରୀ, ୧୦ ଜଣ ଏମ୍.ବି.ଏ୍ ଫର୍ ଓ୍ୱାର୍କିଂ ପ୍ରଫେସନାଲ, ୬ ଜଣ ପି.ଏଚ୍.ଡି ସ୍କୋଲାରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଏହାଛଡ଼ା ଉତ୍କୃଷ୍ଟ ଶିକ୍ଷାଗତ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା ।












ସାପ୍ତାହିକ
ସ୍ୱୀକାର
The Sweekar
ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
Postal Regd. No.: SBP/14/2025-2027
RNI No. 66443/94
Vol.29 | Issue - 16 | 20 - 26 April 2025 | Sambalpur | Pages- 8 | Invitation Price Rs.10

## ବର୍ଣ୍ଣମାଳା ପୁସ୍ତକ 'ସମ୍ବଲପୁରୀ ଭାଷା ଶିକ୍ଷା' ଏବଂ 'ପଠନ ପାର୍ବଣ' ପୁସ୍ତକ ଉନ୍ମୋଚିତ



ଝାରସୁଗୁଡ଼ା : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜିଲ୍ଲା ପ୍ରଶାସନ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନା ଅନ୍ତର୍ଗତ ଦ୍ୱିଭାଷୀ ବର୍ଣ୍ଣମାଳା ପୁସ୍ତକ 'ସମ୍ବଲପୁରୀ ଭାଷା ଶିକ୍ଷା' ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲିଖନ କୌଶଳ ଓ ପଠନ ଗୁଣବତ୍ତା ବୃଦ୍ଧି କରିବା ଦିଗରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଲେଖାକୁ ନେଇ ପ୍ରସ୍ତୁତ 'ପଠନ ପାର୍ବଣ' ପୁସ୍ତକ ଉନ୍ମୋଚନ କରିଛନ୍ତି । ଏହି ଉନ୍ମୋଚନ ସମାରୋହରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚୀନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ପୁଲିସ ଆଇ.ଜି. ହିମାଂଶୁ ଲାଲ, ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେ ଓ ଏସ୍.ପି ସ୍ମିତ୍ ପି. ପାରମାର୍ ପ୍ରମୁଖ ଉପସ୍ଥିତ ଥିଲେ ।

## ସମଲେଶ୍ୱରୀ ଦର୍ଶନ କଲେ ପି.କେ ମିଶ୍ର



ସମ୍ବଲପୁର : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ସମ୍ବଲପୁର ଗସ୍ତରେ ଆସି ପହଞ୍ଚିବା ପରେ ପ୍ରଥମେ ସମ୍ବଲପୁରର ଆରାଧ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ଟ୍ରଷ୍ଟବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ, ସଭ୍ୟ ପ୍ରଫୁଲ୍ଲ କୁମାର ହୋତା, ଦେବ କୁମାର ଆଜମେରିୟା ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ । ଗସ୍ତ ସମୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ମହାଦେବ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ ।



सत्यमेव जयते



## ପବିତ୍ର ଗୁଡ୍ ଫ୍ରାଇଡ଼େ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମ୍ପାଟି)



## ଗୁଡ୍ ଫ୍ରାଇଡ଼େ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଶୁକ୍ରବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ମାନବ ସମାଜର କଲ୍ୟାଣ ପାଇଁ, ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗ ବିଶ୍ୱରେ ଶାନ୍ତି ଓ ଭାତୃତ୍ୱର ମହାନ ଚିନ୍ତାଧାରାକୁ ବ୍ୟାପକ କରିଛି । ଆସନ୍ତୁ, ଏହି ପବିତ୍ର ଦିବସର ବାର୍ତ୍ତାକୁ ପାଳନ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ମଧାହ୍ନ ଭୋଜନ ଏକ ଜନପ୍ରିୟ ଯୋଜନା । ଶିକ୍ଷାର୍ଥୀ ହିତୈଶୀ କାର୍ଯ୍ୟକ୍ରମ । ଗରିବଙ୍କ ଜରୁରୀ ଆବଶ୍ୟକତା । ଅକ୍ଷମ ବିଳାସ । ଏହାର ଇତିହାସ ପୁରୁଣା । ରୋମାଞ୍ଚକର ମଧ । ତେର ଏପ୍ରିଲ, ୧୯୫୪ ମସିହା । କେ କାମରାଜ ହୁଅନ୍ତି ମାଡ୍ରାସ ରାଜ୍ୟର ମୁଖ୍ୟମନ୍ତ୍ରୀ । ଦିନକର ଘଟଣା । ତିରୁନେଲଭି ଜିଲ୍ଲାର ଚେରନ୍ମହାଦେବୀ ସହର ପରିଦର୍ଶନ କରୁଥାନ୍ତି । ରେଳ ଫାଟକ ପାଖରେ ପାଖାପାଖି ଛଅ ସାତ ବର୍ଷର ପିଲାଟିଏ । ଛେଳି ଚରଉଥାଏ । ସ୍କୁଲ କାହିଁକି ଯାଇନୁ ? ପାଖକୁ ଡାକି ପଚାରିଲେ କାମରାଜ । ମୁଁ ଯଦି ସ୍କୁଲ ଯିବି ଆପଣ ମୋତେ ଖାଇବାକୁ ଦେବେକି ? ମୁଁ ଖାଇଲେ ପଢ଼ିପାରିବି । ସହଜ ଗଳାରେ ଉତ୍ତର ଦେଲା ପିଲାଟି । ଶବ୍ଦ ମିଳିନଥିଲା ତତ୍କାଳୀନ ମାଡ୍ରାସ ମୁଖ୍ୟମନ୍ତ୍ରୀଙ୍କୁ । ବିଦ୍ୟାଳୟ ପିଲାଙ୍କ ମଧାହ୍ନ ଭୋଜନ କଥା ଚିନ୍ତା କରାଗଲା । ଯୋଜନା ପ୍ରସ୍ତୁତି ସରିଲା । କାର୍ଯ୍ୟକାରୀ ହେଲା ୧୯୬୦ ଦଶକ ବେଳକୁ । ଛୋଟ ଆକାରରେ । ମାଡ୍ରାସ ମ୍ୟୁନିସିପାଲିଟି ସ୍କୁଲମାନଙ୍କରେ । ସାପ୍ତାହିକ ପାଞ୍ଚ ଦିନ । ଶନିବାର ଅତିରିକ୍ତ । କାରଣ ଶନିବାର ସ୍କୁଲ ଅବଧି କମ୍ । ଅଧାଦିନ । ମଧାହ୍ନ ଭୋଜନ ମିଳୁ ନ ଥିବାରୁ ସେଦିନର ଛାତ୍ର ଉପସ୍ଥାପନ ମଧ କମ୍ ରହୁଥିଲା । ଅନ୍ୟ ଦିନର ପ୍ରାୟ ଅଧା । ଗୋଟିଏ ସଲିଡ଼ ମିଲର ପ୍ରଭାବ ଅନୁଭୂତ ହେଲା । ନାମଲେଖା ବଢ଼ିଲା । ଅଧିକ ସଂଖ୍ୟାରେ ପିଲା ସ୍କୁଲ ଆସିବାକୁ ଲାଗିଲେ । ଛାତ୍ର ଅନୁପସ୍ଥିତି କମିବାକୁ ବସିଲା । ଧିରେଧିରେ ଅଧିକ ବିଦ୍ୟାଳୟ ସାମିଲ କରାଗଲା । ଏମ.ଜି.ରାମଚନ୍ଦ୍ରନଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଆହୁରି ଅଧିକ ସାମ୍ପ୍ରସାରିତ ହେଲା । ୨୦୦୩ ବେଳକୁ ଦେଶର ୧୨ ଲକ୍ଷ ସ୍କୁଲର ୧୧ କୋଟି ପିଲା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସାରିଥିଲେ । କାମରାଜ ଥିଲେ ବେପାରୀ ଘର ପିଲା । ଛୋଟ ବେଳେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା । ମାଁଙ୍କୁ ସାହାଯ୍ୟ କରିବା ପାଇଁ ସେ ୧୧ ବର୍ଷ ବୟସରେ ପାଠପଢ଼ା ଛାଡିଥିଲେ । ତାଙ୍କରି କାର୍ଯ୍ୟକାଳ ମଧରେ ଶିକ୍ଷାକ୍ଷେତ୍ରରେ ସେ ଅନେକ ନୂଆ ଯୋଜନା ଲାଗୁ କରିଥିଲେ । ତାମିଲନାଡୁର ଶିକ୍ଷା ଜନକ ଭାବେ ସେ ପରିଚିତ । ମଧାହ୍ନ ଭୋଜନରେ ସେତେବେଳେ ମିଲ ପିଛା ଖର୍ଚ୍ଚ ଥିଲା ମାତ୍ର ୧୦ ପଇସା ।

ମଧାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ କେନ୍ଦ୍ର ପ୍ରାୟୋଜିତ ଯୋଜନା । ପିଲାଙ୍କ ଉପସ୍ଥାନ ବୃଦ୍ଧି, କ୍ଷୁଧା ଓ କୁପୋଷଣ ହ୍ରାସ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରଦାନ ଏହି କାର୍ଯ୍ୟକ୍ରମର ମୂଳ ଅଭିପ୍ରାୟ । ବିଭିନ୍ନ ରାଜ୍ୟର ୨୪୦୮ ବ୍ଲକକୁ ପ୍ରଥମେ ଏହି ଯୋଜନାରେ ସାମିଲ କରାଯାଇଥିଲା । ଓଡିଶା ତନ୍ମଧରୁ ଅନ୍ୟତମ । ଆମ ରାଜ୍ୟରେ ୧୯୯୫ ମସିହା ଅଗଷ୍ଟ ମାସ ପନ୍ଦର ତାରିଖ ଦିନ ମଧାହ୍ନ ଭୋଜନ ଯୋଜନା ଶୁଭାରମ୍ଭ ହେଲା । ପ୍ରାଥମିକ ସ୍ତରରେ । ୧୯୯୭ - ୯୮ ବେଳକୁ ଇଜିଏସ୍ / ଏଆଇଇ ସେଣ୍ଟର ମଧ ଏହି ଯୋଜନାର ଅନ୍ତର୍ଭୁକ୍ତ ହେଲା । ପରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଏହାକୁ ଦେଶର ସମସ୍ତ ରାଜ୍ୟରେ କାର୍ଯ୍ୟକାରୀ କରାଗଲା । ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ଏପ୍ରିଲ ୨୦୦୮ ମସିହାରୁ ଏହି ଯୋଜନାରେ ସାମିଲ ହେଲେ । ଲାଭାର୍ଥୀ ପରିଗଣିତ ହେଲେ । ଫାଇଦା ନେଲେ । ସେପ୍ଟେମ୍ବର ୨୦୨୧ ମସିହାରେ ଏହି ଯୋଜନାର ନାମ ପରିବର୍ତ୍ତିତ ହେଲା । କେବିନେଟ ଅନୁମୋଦିତ ନୂଆ ନାମ ପିଏମ୍, ପୋଷଣ, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ । ପ୍ରାକ୍ ପ୍ରାଥମିକ ଶିକ୍ଷା ଅନ୍ତର୍ଭୁକ୍ତ ଦେଶର ୨୪ ଲକ୍ଷ ଶିଶୁଙ୍କୁ ଏଥିରେ ସାମିଲ କରାଗଲା । ଏହି ଯୋଜନା ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ବାଲବଟିକାରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ।

ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଓଡ଼ିଶାର ୪୪.୫ ଲକ୍ଷ ପିଲା ଲାଭନ୍ୱିତ ହେଉଛନ୍ତି । ସ୍କୁଲ ସଂଖ୍ୟା ୫୧, ୫୦୦ । ପିଲାଙ୍କ ଖାଇବା ଖର୍ଚ୍ଚ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ପାଇଁ ଅଲଗା ଅଲଗା । ମେନ୍ୟୁ ଫିକ୍ସ । ସୋମବାର, ଗୁରୁବାର ଭାତ ଡାଲମା । ମଙ୍ଗଳ, ଶୁକ୍ର ଭାତ ସୋୟାବଡି ତରକାରୀ । ବୁଧ ଓ ଶନିକୁ ଭାତ ଅଣ୍ଡା ତରକାରୀ । ଓଡିଶା ଖାଦ୍ୟ କମିଶନ ଏହାରି ପରିଚାଳନା ଦାୟିତ୍ୱରେ । ରାଜ୍ୟ ସ୍ତରରେ ଜଣେ ନୋଡାଲ ଅଧିକାରୀ ଅବସ୍ଥାପିତ । ଜିଲ୍ଲା ସ୍ତରରେ ଜିଲ୍ଲା ଶିକ୍ଷା ଅଧିକାରୀ ବୁଝନ୍ତି । ଷ୍ଟେଟ ପ୍ରୋଜେକ୍ଟ ମେନେଜମେଣ୍ଟ ୟୁନିଟ ତଳକୁ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ମେନେଜମେଣ୍ଟ ୟୁନିଟ କାମ କରେ । ରାଜ୍ୟ ଓ ଜିଲ୍ଲା ପ୍ରକଳ୍ପ ୟୁନିଟ ଜରିଆରେ ସବୁ କାମ ଚାଲେ । ଗରମ ରନ୍ଧା ଖାଦ୍ୟ ପିଲାଙ୍କୁ ଖାଇବାକୁ ଦିଆଯାଏ । ଆଗେ ବିଦ୍ୟାଳୟ ପରିଚାଳନା କମିଟିର ଦାୟିତ୍ୱ ଥିଲା । ଏବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ । ସ୍କୁଲ କମିଟି ତଦାରଖ କରିପାରିବେ । ରୋଷେଇ ପାଇଁ କୁକ କମ୍ ହେଲ୍ପର ନିୟୋଜିତ । ଗୋଷ୍ଠୀର ସଦସ୍ୟା ମଧ ପାଳିକରି ରାନ୍ଧନ୍ତି । ଚାଉଳ ଓ ଟଙ୍କା ଜିଲ୍ଲା ଅଫିସରୁ ସ୍କୁଲକୁ ଯାଏ । ଚାଉଳ ଯୋଗାଣ ପାଇଁ କଣ୍ଟ୍ରାକ୍ଟର ନିଯୁକ୍ତ ହୁଅନ୍ତି ଟେଣ୍ଡର ମାଧମରେ । ଜିଲ୍ଲା ସ୍ତରରେ । ଜିଲ୍ଲାପାଳଙ୍କ ଅନୁମୋଦନରେ ।

ସମ୍ପ୍ରତି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଆମ ଓଡ଼ିଶାରେ ଅନେକ ପରିବର୍ତ୍ତନ ଆସିଛି । ଦରବୃଦ୍ଧି ହେତୁ କୁକିଙ୍ଗ କଷ୍ଟ୍ ବଢ଼ିଛି । ପ୍ରାଥମିକ ଶ୍ରେଣୀ ପିଲାଙ୍କ ପାଇଁ ଏହା ମୁଣ୍ଡପିଛା ଦୈନିକ ୫.୯୦ ଥିଲା । ବୃଦ୍ଧି କରି ତାକୁ ୭.୬୪ କରାଯାଇଛି । ଉଚ୍ଚ ପ୍ରାଥମିକ ପିଲାଙ୍କ ସକାଶେ ଏହାର ମୁଣ୍ଡପିଛା ଦୈନିକ ମୂଲ୍ୟ ୮.୮୨ ଥିଲା । ତାହା ଏବେ ବୃଦ୍ଧି ପାଇ ୧୦.୯୪ ହୋଇଛି । ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମଧ ଉକ୍ତ ଯୋଜନା ଅନ୍ତର୍ଭୁକ୍ତ କରାଯାଇଅଛି । ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିରେ ରାଜ୍ୟର ପ୍ରାୟ ୮ ଲକ୍ଷ ପିଲା ଉପକୃତ ହେବେ । ପିଲାଙ୍କୁ ଅଧିକ ପୁଷ୍ଟିସାର ଖାଦ୍ୟ ଯୋଗେଇବା ପାଇଁ ସପ୍ତାହର ସୋମବାର, ବୁଧବାର ଓ ଶୁକ୍ରବାର ଗୋଟିଏ ଲେଖାଏଁ ଅଣ୍ଡା ଦିଆଯିବ । ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ ଗୋଟିଏ ଲେଖାଏଁ ମାଣ୍ଡିଆ ଲଡୁ ମିଳିବ । ଅତିରିକ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରୁ ବ୍ୟୟ ହେବ । ପ୍ରାୟ ୫୭୦ କୋଟି ୬୧ ଲକ୍ଷ । ତିନିଟି ଲଡୁ ଓ ଅତିରିକ୍ତ ଗୋଟିଏ ଅଣ୍ଡା ପିଲାଙ୍କ ଖାଇବାରେ ଯୋଡିହେବ ପ୍ରତି ସପ୍ତାହରେ । ଭଲ କଥା । ଉଚିତ ପଦକ୍ଷେପ । ପୁଷ୍ଟିଯୁକ୍ତ ଖାଦ୍ୟ ସହ ଆଇରନ ଫୋଲିକ ଟେବଲେଟ୍ ଓ କୃମିନାଶକ ଔଷଧ ସ୍କୁଲପିଲାଙ୍କ ଅପପୁଷ୍ଟି ଏବଂ ରୋଗମୁକ୍ତ କରିବାରେ ମହତ୍ୱପୂର୍ଣ୍ଣ ଯୋଗଦାନ କରିବ । ଉତ୍ତମ ସ୍ୱାସ୍ଥ୍ୟ ଓ ଉତ୍ତମ ଶିକ୍ଷା ସୁନିଶ୍ଚିତ କରିବାରେ ଯଥେଷ୍ଟ ସହାୟକ ହେବ ।

କୌଣସି ଯୋଜନାର ସଫଳତା ତାର ପ୍ରଭାବୀ କାର୍ଯ୍ୟକାରିତା ଉପରେ ନିର୍ଭର କରେ । ପିଏମ ପୋଷଣ ଯୋଜନା ମଧ ଠିକ୍ ସେପରି । ତୃଣମୂଳ ସ୍ତରରେ କାର୍ଯ୍ୟରତ ଶିକ୍ଷକଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ନଜର ରହିଲେ ନଜିର ସୃଷ୍ଟି ହୋଇପାରିବ । କେତେକ ଛୋଟ କିନ୍ତୁ ଉପାଦେୟ ଦିଗ ପ୍ରତି ଦୃଷ୍ଟି ଦେଲେ ଆମେ ଦୃଷ୍ଟାନ୍ତ ସୃଷ୍ଟି କରିପାରିବା । ଏବେବି ବିଦ୍ୟାଳୟ ସମସ୍ୟାମୁକ୍ତ ନୁହେଁ । ଅନେକ ଅଭାବ ଅସୁବିଧା ରହିଛି । ଅଭାବଅସୁବିଧାକୁ ସୁଯୋଗ ମନେକରି ବିକଳ୍ପ ଚିନ୍ତା କଲେ ସବୁ ସମସ୍ୟାର ସହଜ ଓ ସରଳ ସମାଧାନ ସମ୍ଭବ । ଯୋଜନାର ସଫଳତା ପାଇଁ ପ୍ରତିଶ୍ରୁତିବଦ୍ଧ ରୁହନ୍ତୁ । ପିଲାଙ୍କ ସୁରକ୍ଷା ସର୍ବାଗ୍ରେ । ରାସନ ନିରାପଦ ସ୍ଥାନରେ ରଖନ୍ତୁ । ବ୍ୟବହାର ପୂର୍ବରୁ ଦେଖିନିଅନ୍ତୁ ତାହା ଠିକ ଅଛି ନା ନାହିଁ । ରୋଷେଇୟା, ରୋଷେଇ ସ୍ଥାନ ଓ ରୋଷେଇ ସାମଗ୍ରୀ ସ୍ୱଚ୍ଛ ହେବା ଚାହି । ପିଲାଙ୍କୁ ଖାଦ୍ୟ ଦେବା ପୂର୍ବରୁ ଜଣେ ଶିକ୍ଷକ ପୁରା ମିଲ ଖାଆନ୍ତୁ । ପିଲାଙ୍କୁ ଖାଇବା ପୂର୍ବରୁ ସଫା କରି ହାତ ଧୋଇବା ଅଭ୍ୟାସ କରାନ୍ତୁ । ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ । କେବଳ ନଳକୂପ ପାଣି ବ୍ୟବହାର କରନ୍ତୁ । ପିଲା ନିଜ ଘରୁ ପିଇବା ପାଣି ଆଣିଲେ ବହୁତ ଭଲ । ପିଲାମାନେ ଆସନରେ ତଳେ ବସନ୍ତୁ । ରୋଷେଇଆ ତାଙ୍କୁ ବାଢ଼ି ଦିଅନ୍ତୁ । ଅନେକ ସ୍କୁଲରେ ପିଲା ଧାଡିହୋଇ ରୋଷେଇଶାଳରୁ ଖାଦ୍ୟ ଆଣୁଥିବା ଦେଖାଯାଏ । ଏହା ଠିକ ନୁହଁ । ଠେଲାପେଲାରେ ପିଲା ଗରମ ଖାଦ୍ୟ ହାଣ୍ଡିରେ ପଡ଼ି ପୋଡିବାର ଆଶଙ୍କା ଥାଏ । ଅଧିକ ପିଲାଥିବା ସ୍କୁଲ ପାଇଁ ଏହା ଖୁବ ବିପଜ୍ଜନକ । ପୋଡିହୋଇ ଆହତ ହେବା କିମ୍ବା ନଷ୍ଟ ହେବାର ଦୃଷ୍ଟାନ୍ତ ମଧ ରହିଛି । ନିଶ୍ଚିତକରନ୍ତୁ ସମସ୍ତେ ଯିମିତି ଏକା ସଙ୍ଗେ ଖାଇବେ । ଖାଇବାବେଳେ ପିଲା ଯିମିତି ଶାନ୍ତି ଶୃଙ୍ଖଳା ରକ୍ଷା କରନ୍ତି । ତଳେ ଖାଦ୍ୟ ପଡ଼ିବା କଥା ନୁହଁ । ଥାଳିରେ ଖାଦ୍ୟ ଯିମିତି ବଳିନପଡେ । ଖାଦ୍ୟନଷ୍ଟର ଅପକାର ସମ୍ପର୍କରେ ପିଲାଙ୍କୁ ସଚେତନ କରାନ୍ତୁ । କୌଣସି ପରିଦର୍ଶକ ପିଲାଙ୍କ ସାଥୀରେ ବସି ଖାଇପାରିବେ । ଖାଦ୍ୟର ଗୁଣ ପରଖି ପାରିବେ । କିନ୍ତୁ ଧାନ ରଖନ୍ତୁ ତାଙ୍କ ପାଇଁ କିଛି ସ୍ପେଶାଲ ଯିମିତି ନହୁଏ । ପିଲା ପାଇଁ ଯାହା ରୋଷେଇ ହୋଇଛି ସେଇୟା ଖାଇବାକୁ ଦିଅନ୍ତୁ । କୌଣସି କାରଣରୁ ଖାଦ୍ୟ ବଳିଗଲେ ଫୋପାଡ଼ନ୍ତୁ ନାହିଁ । ଦୃଷ୍ଟି ଦିଅନ୍ତୁ ଯିମିତି ଖାଦ୍ୟ ପଦାର୍ଥ ଏଣେତେଣେ ନପଡେ । ପଚା ଭାତରୁ ଦୁର୍ଗନ୍ଧ ହୁଏ । ପରିବେଶ ପ୍ରଦୂଷିତ ହୁଏ । ନାନାଦି ରୋଗ ମଧ ସୃଷ୍ଟି ହୋଇପାରେ । ବିଦ୍ୟାଳୟ ପରିସରରେ ବୁଲା କୁକୁର ଆଦି ଯିମିତି ନପଶନ୍ତି । ପିଲାଙ୍କୁ ରୋଷେଇରେ ସାହାଯ୍ୟ କରିବାକୁ କୁହନ୍ତୁ ନାହିଁ । ଖାଇସାରିବା ପରେ ଭଲଭାବେ ବାସନ, ହାତ ଓ ପାଟି ସଫା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ । ପିଲାଙ୍କୁ ଖାଇବା କୌଶଳ ଶିଖାନ୍ତୁ । ଚିଡଚିଡା ହୁଅନ୍ତୁ ନାହିଁ । ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା, ସୁରକ୍ଷା ଏବଂ ସଂରକ୍ଷତା ଉଭୟ ଶାରୀରିକ ଓ ମାନସିକ ସମୃଦ୍ଧି ସାଧନ କରିବ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

### ଆଜିର ଚିନ୍ତନ

ଜ୍ଞାନ ମଣିଷର ରକ୍ଷା କବଚ ଅଟେ । କିନ୍ତୁ ଅଜ୍ଞାନତା ମଣିଷକୁ ପରନାଭିମୁଖୀ କରାଏ । ଅଜ୍ଞାନୀ ମନୁଷ୍ୟ କୌଣସି ପ୍ରାଣୀ ବା ବସ୍ତୁର ପ୍ରକୃତ ସ୍ୱରୂପକୁ ବୁଝି ପାରେ ନାହିଁ । ମନର ବିପର୍ଯ୍ୟୟ ବୃତ୍ତି ଯୋଗୁଁ ସେ ଭଲକୁ ମନ୍ଦ, ମନ୍ଦକୁ ଭଲ, ସାଧୁକୁ ଅସାଧୁ, ଅସାଧୁକୁ ସାଧୁ ଇତ୍ୟାଦି ବିପରୀତ ଜ୍ଞାନ କରେ । ମନୁଷ୍ୟର ଏହି ଅଜ୍ଞାନତାରୁ 'ମୋହ' ର ଜନ୍ମ । ବିନାଶଶୀଳ ବସ୍ତୁ, ପ୍ରାଣୀ ଓ ପରିବାର ପରିଜନ ମାନଙ୍କୁ ମୋର ବୋଲି ଜ୍ଞାନ କରି ସେସବୁ ପ୍ରତି ଆସକ୍ତ ଓ ଲୋଭଗ୍ରସ୍ତ ହେବା 'ମୋହ' ଅଟେ । ଏହାର ମୂଳ କାରଣ କେବଳ ଅଜ୍ଞାନତା । ଏଥପାଇଁ ମଣିଷର ମୋହକୁ ଉଲୁକର ସ୍ୱଭାବ ସହ ତୁଳନା କରା ଯାଇଛି । ଉଲୁକ ଅନ୍ଧକାରକୁ ଭଲପାଏ । ସେ ଆଲୋକକୁ ଘୃଣା କରେ । ଏହା ତା'ର ଆଖିର ଦୋଷ ! ମନୁଷ୍ୟ ସେହିଭଳି ଅଜ୍ଞାନ ଅନ୍ଧକାର ମଧରେ ବୁଡ଼ି ରହି ସାଂସାରିକ ବସ୍ତୁ ଓ ବିଷୟ ବାସନା ପ୍ରତି ମୋହଗ୍ରସ୍ତ ହୋଇ ନିଜର ଲକ୍ଷ ପଥରୁ ବିଚ୍ୟୁତ ହୋଇଯାଏ । ମୋହଗ୍ରସ୍ତ ମନୁଷ୍ୟମାନେ ଅସଞ୍ଜତ ଜୀବନ ନିର୍ବାହ ଯୋଗୁଁ ରୋଗଗ୍ରସ୍ତ ହୋଇ ଅକାଳରେ ଜୀବନକୁ ସମାପ୍ତ କରି ଦିଅନ୍ତି । ସେଥିପାଇଁ ବେଦରେ ସଂସାରକୁ ତ୍ୟାଗ ପୂର୍ବକ ଭୋଗ କରିବା ପାଇଁ କୁହାଯାଇଛି । ଅର୍ଥାତ ଯେ କୌଣସି ପଦାର୍ଥକୁ ଉଚିତ ସମୟରେ ଉଚିତ ଉପାୟରେ ଓ ଉଚିତ ପରିମାଣରେ ଭୋଗ କରିବାକୁ ତ୍ୟାଗ ପୂର୍ବକ ଭୋଗ କୁହାଯାଏ । ମୋହ ମଣିଷର ପରମ ଶତ୍ରୁ । ତେଣୁ ଅଜ୍ଞାନରୁ ଉତ୍ପନ୍ନ ମୋହକୁ ଦୂର କରିବା ନିମନ୍ତେ ବେଦ, ଉପନିଷଦ ପ୍ରଭୃତି ଗ୍ରନ୍ଥ ଅଧ୍ୟୟନ ଓ ସଦଗୁରୁଙ୍କ ସାନ୍ନିଧ ପ୍ରାପ୍ତି ପାଇଁ ଉଦ୍ୟମ କରିବା ଉଚିତ । ଫଳରେ ମୋହ ଜନିତ ସାଂସାରିକ ବିଷୟ ବାସନାରେ ଦୋଷ ଦର୍ଶନର ସୁଯୋଗ ମିଳିବ । ଦୋଷ ଦର୍ଶନ ପରେ ମନରେ ବୈରାଗ୍ୟର ଉଦୟ ହୁଏ । ଏହାଦ୍ୱାରା ଅନ୍ତର୍ଜଗତରୁ ଅଜ୍ଞାନର ଅନ୍ଧକାର ସମ୍ପୂର୍ଣ୍ଣ ଉଭେଇ ଯାଏ । ମୋହ ଦୂର ହେଲେ ସାଂସାରିକ କାମନା ଓ ତୃଷ୍ଣାର ପରିସମାପ୍ତି ଘଟେ । ମନୁଷ୍ୟ ଇନ୍ଦ୍ରିୟର ଦାସ ନ ହୋଇ ପୂଜା ହୋଇଯାଏ । ଧୃତରାଷ୍ଟ୍ର ପୁତ୍ର ମୋହ ବଶରେ ସେମାନଙ୍କ ଅନ୍ୟାୟ କର୍ମକୁ ସମର୍ଥନ କରୁଥିଲେ । ଫଳରେ କୁରୁବଂଶ ଧ୍ୱଂସ ହେଲା । ଅଗ୍ନି ପ୍ରତି ଅହେତୁକ ମୋହ ଯୋଗୁ ପତଙ୍ଗମାନେ ଅଗ୍ନିରେ ଝାସ ଦେଇଥାନ୍ତି । ଏହି ସବୁ ଦୃଷ୍ଟାନ୍ତ ଶିକ୍ଷଣୀୟ ।

# ବହୁ ଉପାଦେୟ ସଜନା ମଞ୍ଜି



ସଜନା ଶାଗ ଓ ଛୁଇଁ ଭାରି ସୁଆଦିଆ । ଛୁଇଁକୁ ତରକାରୀ କିମ୍ବା ଭାଜି ଖାଇବାର ମଜା ବି ନିଆରା । କିନ୍ତୁ ଦେଖାଯାଏ, ଅନେକ ଛୁଇଁ ଭାଜିବା କିମ୍ବା ତରକାରୀରେ ପକାଇବା ସମୟରେ ତା'ର ମଞ୍ଜି ବାହାର କରିଦିଅନ୍ତି । ଏହା କରିବା ଉଚିତ ନୁହେଁ ।

ସଜନା ମଞ୍ଜିରୁ ପ୍ରଚୁର ଫାଇବର ମିଳେ । ଏହା ହଜମ କ୍ରିୟାରେ ସହାୟକ । ନ୍ୟୁଟ୍ରିସନିଷ୍ଟଙ୍କ ମତରେ ସଜନା ମଞ୍ଜି ଜିଙ୍କର ଏକ ମୁଖ୍ୟ ଉତ୍ସ । ଏହା ବ୍ଲଡ ସୁଗାରନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏହାଦ୍ୱାରା ଡାଇବେଟିସରୁ ମୁକ୍ତି ମିଳିଥାଏ ।

ପାଳଙ୍ଗ କିମ୍ବା ପୋଇରୁ ଆଇରନ ମିଳିବା ଭଳି ସଜନା ମଞ୍ଜିରୁ ମଧ ଆଇରନ ମିଳେ । ନିରାମିଷାଶୀମାନଙ୍କ ଶରୀରରେ ଲୌହର ଅଭାବ ରହିଥିଲେ ଏହା ବେଶୀ ଦରକାର । ରକ୍ତପ୍ରବାହ ଭଲ ରହିବା ସହ ମାଂସପେଶୀ, ତନ୍ତୁ ଓ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଅମ୍ଳଜାନ ବହନ କରିବାରେ ମୁଖ୍ୟ ଭୂମିକା ନିଏ ।

ସଜନା ମଞ୍ଜି କ୍ୟାଲସିୟମର ଭଣ୍ଡାର । ଏଣୁ ଏହାକୁ ଖାଇବା ଦ୍ୱାରା ଗଣ୍ଠିଯନ୍ତ୍ରଣା ହ୍ରାସ ପାଏ । ଦେହ ବିନ୍ଧାଛିଟିକା ହେଉଥିଲେ ତାହା ମଧ କମିଯାଏ ।

କୋଲେଷ୍ଟେରଲ ମାତ୍ରା ଅତ୍ୟଧିକ ରହିଥିଲେ ସଜନା ମଞ୍ଜି ଭଲ କାମ କରେ । ଏହା ଶରୀରରୁ କ୍ଷତିକାରକ କୋଲେଷ୍ଟେରଲ ଦୂର କରିଥାଏ ।

ଶରୀରରେ ଅକ୍ସିଡାଇଜଡ଼ ଲିପିଡ କମାଇବାରେ ମୁଖ୍ୟ ଭୂମିକା ନିଏ । ହାର୍ଟ ଟିସ୍ୟୁଗୁଡିକର ସୁରକ୍ଷା କରେ ଓ ହାର୍ଟ ପୂରା ସୁସ୍ଥ ରଖେ ।

ସଜନା ମଞ୍ଜି ତେଲରେ ୩୦ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ରହିଛି । ଭିଟାମିନ୍ -ଏ, ବିକମ୍ପ୍ଲେକ୍ସ, ସି ଓ ଅନ୍ୟାନ୍ୟ ଫ୍ରି ରାଡିକାଲ୍ସ ମିଳେ ମଞ୍ଜିରୁ । ଏହା ଅକ୍ସିଡେଟିଭ ଡ୍ୟାମେଜରୁ ରକ୍ଷା କରେ । ଆଣ୍ଟିଅକ୍ସିଡାଣ୍ଟ ଗୁଣ ଯୋଗୁଁ ଏହା ପୂରା ଶରୀରକୁ ସୁସ୍ଥ ରଖିଥାଏ ।

କେବଳ ଆଣ୍ଟିଅକ୍ସିଡାଣ୍ଟ ଗୁଣ ନୁହେଁ ଏହା ମଧ ଆଣ୍ଟିଇନଫ୍ଲାମେଟୋରୀ ଏବଂ ଆଣ୍ଟିସେପ୍ଟିକ । ଏସବୁ ଗୁଣ ଯୋଗୁଁ ତ୍ୱଚାର ଯତ୍ନ ଲାଗି ଏହା ଖୁବ୍ ଦରକାର । ସନବର୍ନ ଓ ତ୍ୱଚାର ଦାଗ ଦୂର କରିବାରେ ସଜନା ମଞ୍ଜିର ତେଲ ଭଲ କାମ କରେ ।

ବର୍ଷ ୨୯, ସଂଖ୍ୟା - ୧୬, ୨୦ - ୨୬ ଅପ୍ରେଲ ୨୦୨୫

# ହାତୀ-ମଣିଷ ଲଢ଼େଇ

ଆମ ରାଜ୍ୟରେ ଚିନ୍ତା ବଢ଼ାଉଛି ହାତୀ ସମସ୍ୟା । ବଢ଼ି ଚାଲିଛି ହାତୀ-ମଣିଷ ଲଢ଼େଇ । ଯାହାକୁ ନେଇ ଚିନ୍ତାରେ ବନ ବିଭାଗ ଏବଂ ରାଜ୍ୟ ସରକାର । ବିଶେଷକରି ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେଉଛନ୍ତି ହାତୀପଲ । ଅନେକ ସମୟରେ ହାତୀ ମଣିଷଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳୁଛି । ରାଜ୍ୟରେ ହାତୀଙ୍କ ପାଇଁ ଜଙ୍ଗଲରେ ଜାଗା ଅଭାବ ରହିଛି । ଯେତିକି ହାତୀ ରହିବା କଥା ତାହାଠୁ ରାଜ୍ୟରେ ୪୦୦ ଅଧିକ ହାତୀ ଅଛନ୍ତି । ବେଙ୍ଗାଲୁରୁ ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସେସ ଏଲିଫାଣ୍ଟ ସେଣ୍ଟର ଷ୍ଟଡି ଅନୁସାରେ, ରାଜ୍ୟ ଜଙ୍ଗଲରେ ସର୍ବାଧିକ ଭାବରେ ୧୭୦୦ ହାତୀ ରହିବାର ସୁବିଧା ରହିଛି । କିନ୍ତୁ ଏବେ ୪୦୦ ହାତୀ ଅଧିକ ଅର୍ଥାତ୍ ୨୧ ଶହ ହାତୀ ଅଛନ୍ତି । ୨୦୨୪ ନଭେମ୍ବର ସୁଦ୍ଧା ରାଜ୍ୟରେ ୨୧୦୩ଟି ହାତୀ ଅଛନ୍ତି । ଯେଉଁଥି ପାଇଁ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି । ରାଜ୍ୟରେ ଯେତିକି ମାତ୍ରାରେ ହାତୀ ମୃତ୍ୟୁ ଘଟୁଛି ସେଥିମଧ୍ୟରୁ ୬୦ ପ୍ରତିଶତ ଛୁଆ ହାତୀ, ରୋଗିଣା ହାତୀ ଅଧିକ ମୃତ୍ୟୁ ମୁହଁରେ ପଡୁଛନ୍ତି । ହାତୀ ଆକ୍ରମଣରେ ୨୦୧୪-୧୫ରୁ ୨୦୨୪-୨୫ ପର୍ଯ୍ୟନ୍ତ ୧୧ ବର୍ଷରେ ୧୨୦୯ ଲୋକଙ୍କ ଜୀବନ ଯାଇଛି । । ସେହିପରି ଶିକାର ତଥା ଅନ୍ୟାନ୍ୟ କାରଣରୁ ୮୮୮ ହାତୀ ପ୍ରାଣ ହରାଇଛନ୍ତି । ତେବେ ୨୦୧୪-୧୫ରେ ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ୫୪ ଥିବାବେଳେ ୨୦୨୪-୨୫ ଫେବୃଆରୀ ଶେଷ ସୁଦ୍ଧା ଏହି ସଂଖ୍ୟା ୯୭କୁ ବୃଦ୍ଧି ପାଇଛି । ପ୍ରାଣ ହରାଇଥିବା ୮୮୮ ହାତୀ ମଧ୍ୟରୁ ଶିକାର ଯୋଗୁଁ ୩୩, ବିଷକ୍ରିୟାରେ ୨, ବିଦ୍ୟୁତ୍ ଆଘାତରେ ୧୫୮, ରେଳ ଦୁର୍ଘଟଣାରେ ୨୯, ସଡ଼କ ଦୁର୍ଘଟଣାରେ ୮. ଅନ୍ୟାନ୍ୟ ଦୁର୍ଘଟଣାରେ ୧୪୩, ବିଭିନ୍ନ ରୋଗରେ ୩୦୬, ପ୍ରାକୃତିକ କାରଣରୁ ୯୩, ଯୋଜନାବଦ୍ଧ ହତ୍ୟା କାରଣରୁ ୧୬ ହାତୀଙ୍କ ପ୍ରାଣ ଯାଇଛି । ପ୍ରାୟ ୧୦୦ଟି ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ।

ସରକାର ହାତୀ- ମଣିଷ ଲଢ଼େଇକୁ ହ୍ରାସ କରିବାକୁ ନେଇ ବିଭିନ୍ନ ଯୋଜନା କରୁଛନ୍ତି । ଏଥିପାଇଁ ଜଙ୍ଗଲ ସୀମାନ୍ତରେ ଲଗାଯାଇଛି ସୋଲାର ଇଲେକ୍ଟ୍ରିକ ବାଡ଼ । ଜଙ୍ଗଲ ହାତୀ ଜନବସତି ମୁହାଁ ହେଉଥିବା କାରଣରୁ ବନ ବିଭାଗ ହାତୀ-ମଣିଷ ସଂଘର୍ଷକୁ ହ୍ରାସ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି । ନୟାଗଡ଼ ଜିଲାର ଥିବା କିଛି ଜଙ୍ଗଲ ଅଞ୍ଚଳ ପରିଧିରେ ଅବସ୍ଥିତ ୫ଟି ଗ୍ରାମରେ ହାତୀ-ମଣିଷ ସଂଘର୍ଷକୁ ହ୍ରାସ କରିବା ପାଇଁ ଗ୍ରାମ ଗୁଡ଼ିକ ମଧ୍ୟରେ ୧୦ କିଲୋମିଟର ସୌର ଇଲେକ୍ଟ୍ରିକ ବାଡ଼ ସ୍ଥାପନ ହୋଇଛି । ଫଳରେ ହାତୀ ସମେତ ଅନ୍ୟ ଜୀବଜନ୍ତୁ ଜନବସତି ମୁହାଁ ହୋଇପାରିବେ ନାହିଁ ।

ହାତୀଙ୍କ ସୁରକ୍ଷା ପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଏଣ୍ଟ ଟାସ୍କଫୋର୍ସ ଗଠନ କରାଯାଇଛି । ଏଥିରେ ପିସିସିଏଫ ଅଧକ୍ଷ ଥିବାବେଳେ ଆରକ୍ଷୀ ଅଧୀକ୍ଷକ (ପୁଲିସ)ଙ୍କ ହାତୀ ବିଶେଷଜ୍ଞମାନେ ସଦସ୍ୟ ରହିଛନ୍ତି । ଓଡ଼ିଶା ଉଚ୍ଚନ୍ୟାୟାଳୟ ଡିଜିପିଙ୍କୁ ସ୍ୱତନ୍ତ୍ର ଭାବେ ହାତୀଙ୍କ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଡିଜିପିଙ୍କ ପକ୍ଷରୁ ଜଏଣ୍ଟ ଟାସ୍କଫୋର୍ସ, ବନକର୍ମଚାରୀ ଏବଂ ପୁଲିସ ଅଧିକାରୀ ମିଳିତ ଭାବେ ହାତୀ ଶିକାରୀଙ୍କ ପ୍ରତି ସଜାଗ ରହିଛନ୍ତି ।

୨୦୨୫-୨୬ ଆର୍ଥିକ ବର୍ଷରେ ୬୩୧ଟି ଡେପ୍ଲୋଏମେଣ୍ଟ ଅଫ୍ ଆଣ୍ଟି ପୋଚିଂ ଏବଂ ପ୍ରୋଟେକ୍ସନ ସ୍କାଡ ଗଠନ କରାଯିବାର ଲକ୍ଷ୍ୟ ରଖାଯାଇଛି । ବନ୍ୟଜନ୍ତୁଙ୍କ ପାଇଁ ଜଳ ଅଭାବ ପୂରଣ ପାଇଁ ୧୦୦ ଟି ନୂତନ ଜଳାଶୟ ଖନନ କରିବାର ଓ ପୁରାତନ ଜଳାଶୟର ପୁନରୁଦ୍ଧାର ଯୋଜନା କରାଯାଇଛି । ହାତୀ ଚଲାପଥର ଉନ୍ନତିକରଣ ଏବଂ ସଂରକ୍ଷଣ ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଅର୍ଥରେ ଡେପ୍ଲୋଏମେଣ୍ଟ ଅଫ୍ ଆଣ୍ଟି ପୋଚିଂ ଏବଂ ପ୍ରୋଟେକ୍ସନ ସ୍କାର୍ଡ ଗଠନ, ଗଜସାଥୀ ନିୟୋଜନ, ହାତୀ ଚଲାପଥ ଗୁଡିକର ଉନ୍ନତି କରଣ, ଏଆଇ କ୍ୟାମେରା, ଡ୍ରୋନ ମାଧ୍ୟମରେ ହାତୀ ଗତିବିଧି ନିରୀକ୍ଷଣ କାର୍ଯ୍ୟକ୍ରମ ପାଇଁ ଯୋଜନା କରାଯାଇଛି । ହାତୀ ଖାଦ୍ୟ ସନ୍ଧାନରେ ଜଙ୍ଗଲରୁ ଜଙ୍ଗଲ ଘୂରି ଜନବସତି ଆଡକୁ ପଶି ଆସିଥାନ୍ତି । ତାହାର ପ୍ରତିକାର ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଛନ୍ତି । ହାତୀ ଦ୍ୱାରା ଫସଲ ନଷ୍ଟ କ୍ଷେତ୍ରରେ ଧାନ ଏବଂ ଶସ୍ୟ ଜାତୀୟ ଫସଲ ନଷ୍ଟ ପାଇଁ ଏକର ପିଛା ୨୦ ହଜାର ଟଙ୍କା ଓ ଅର୍ଥକରୀ ଫସଲ ନଷ୍ଟ ପାଇଁ ଏକର ପିଛା ୨୫ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି । ହାତୀ ଆକ୍ରମଣରେ ମୃତ୍ୟୁ ହେଲେ ୬ଲକ୍ଷ ଟଙ୍କାର ଅନୁକମ୍ପା ରାଶି ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଛନ୍ତି । ହାତୀ ଏକ ବିଶାଳ ପଶୁ । ହାତୀକୁ ରହିବା ପାଇଁ ବଡ଼ ଜାଗା ଆବଶ୍ୟକ । ଯଦି ଜଙ୍ଗଲରେ ଖାଦ୍ୟ ପାଣି ଭଲ ରହିବ, ଜଙ୍ଗଲ ମାନ ବଢ଼ାଯାଇପାରିବ, ତେବେ ହାତୀଙ୍କ ପାଇଁ ସମସ୍ୟା ରହିବ ନାହିଁ । ହେଲେ ଏବେ ଜଙ୍ଗଲ ସେ ସୁବିଧା ମିଳିପାରୁ ନାହିଁ । ଜଙ୍ଗଲ ମାନ ହ୍ରାସ ପାଇଚାଲିଛି ।



## ସ୍ୱେଚ୍ଛାପ୍ରଣୋଦିତ ସେବା

### ମହାତ୍ମା ଗାନ୍ଧୀ

ଯିଏ ସେବା କରିବାକୁ ଇଚ୍ଛା କରୁଥିବ, ସିଏ କଦାପି ନିଜର ସୁଖ ଓ ଆରାମ ବିଷୟରେ ଭାବି ସମୟ ବରବାଦ କରିବ ନାହିଁ, ଉର୍ଦ୍ଧ୍ୱରେ ରହିଥିବା ତା'ର ପରମପ୍ରଭୁ ତାକୁ ସେହି ସୁଖକୁ ଆଣି ଦେବେ ବା ସେଥିରୁ ତାକୁ ବଞ୍ଚିତ କରିବେ, ସେ ତାଙ୍କ ଉପରେ ସେହି କଥାଟିକୁ ଛାଡି ଦେଇଥିବ । ତେଣୁ, ତା'ର ପଥରେ ଆସି ହାବୁଡ଼ି ଯାଉଥିବା ପ୍ରତ୍ୟେକ ବିଷୟ ନେଇ ସେ କଦାପି ନିଜକୁ ଭାରାକ୍ରାନ୍ତ କରି ରଖିବ ନାହିଁ । ଯେତିକି ତା'ର ଅତ୍ୟାବଶ୍ୟକ, ସେ କେବଳ ସେତିକି ଗ୍ରହଣ କରିବ ଓ ଆଉ ବାକି ସବୁକିଛିକୁ ତ୍ୟାଗ କରିବ । ସେ ସ୍ଥିର ରହିବ, କ୍ରୋଧମୁକ୍ତ ରହିବ, ଆପଣାକୁ ଯେତେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ମଧ୍ୟ ନିଜର ମନ ଭିତରେ ଅବିକ୍ଷୁବ୍ଧ ରହିବ । ପୁଣ୍ୟ ପରି ତା'ର ସେବା ଆପେ ହିଁ ଆପଣାର ପୁରସ୍କାର ହୋଇ ରହିଥିବ ଏବଂ ସିଏ ସେଇଥିରେ ସନ୍ତୋଷ ଅନୁଭବ କରୁଥିବ । ପୁନଶ୍ଚ ଆମେ ସେବା କ୍ଷେତ୍ରରେ କେବେହେଲେ ହେଳା ପ୍ରଦର୍ଶନ କରିବା ନାହିଁ ଅଥବା କେବେହେଲେ ପଛରେ ପଡି ରହିବା ନାହିଁ । କେବଳ ନିଜର ବ୍ୟକ୍ତିଗତ ଧନ୍ଦାକୁ ନେଇ ଯିଏ ତତ୍ପର ଓ ଉଦ୍ୟମଶୀଳ ହୋଇ ରହିବ ବୋଲି ଭାବୁଛି ଏବଂ ଆଦୌ କୌଣସି ପାରିଶ୍ରମିକ ବିନା କରା ଯାଉଥିବା କାର୍ଯ୍ୟଗୁଡ଼ିକୁ ସେ ଯେକୌଣସି ପ୍ରକାରେ ବା ଯେକୌଣସି ସମୟରେ ନିଜର ଖୁସୀ ଅନୁସାରେ କରିବ ବୋଲି ଚିନ୍ତା କରୁଛି, ତା'ର ତଥାପି ତ୍ୟାଗବିଜ୍ଞାନର ପ୍ରାଥମିକ ପାଠଗୁଡ଼ିକୁ ଏବେ ମଧ୍ୟ ପଢ଼ିବାକୁ ବାକି ରହିଛି । ଅନ୍ୟମାନଙ୍କ ସକାଶେ ସ୍ୱେଚ୍ଛାପ୍ରବୃତ୍ତ ହୋଇ କିଛି କରିବା ଆମର ସର୍ବୋତ୍ତମ ସାମର୍ଥ୍ୟକୁ ହିଁ ଦାବି କରିଥାଏ ଏବଂ ଆପଣାର ସେବାକୁ ପଛରେ ରଖି ଏହାକୁ ଆଗ ସମ୍ପନ୍ନ କରିବାକୁ ପଡିଥାଏ । ବସ୍ତୁତଃ ଜଣେ ଯଥାର୍ଥ ସେବକ ନିଜ ଭିତରେ ଆଦୌ କୌଣସି ପ୍ରକାରର ସଙ୍କୋଚ ନ ରଖି ମନୁଷ୍ୟ ସମାଜର ସେବାଲାଗି ଆପଣାକୁ ଉତ୍ସର୍ଗୀକୃତ କରି ରଖିଥାଏ ।

ମୁଁ ଦୃଢ଼ଭାବରେ ବିଶ୍ୱାସ କରୁଛି ଯେ, ଆଜି ଇଉରୋପ ଈଶ୍ୱର ଭାବନା ଅଥବା ଖ୍ରୀଷ୍ଟିଆନ ଧର୍ମର ପ୍ରତିନିଧିତ୍ୱ କରୁ ନାହିଁ, ତାହା ଶଇତାନ ଭାବନାର ପ୍ରତିନିଧିତ୍ୱ କରୁଛି । ଯେତେବେଳେ ଶଇତାନ ତୁଣ୍ଡରେ ଈଶ୍ୱରଙ୍କ ନାମ ଉଚ୍ଚାରଣ କରି ଆବିର୍ଭୂତ ହେବାକୁ ଆସେ, ସେତେବେଳେ ସିଏ ସବୁଠାରୁ ଅଧିକ ସଫଳତା ହାସଲ କରେ । ଏବେ ଇଉରୋପ କେବଳ ନାମକୁମାତ୍ର ଖ୍ରୀଷ୍ଟିଆନ ହୋଇ ରହିଛି । ବାସ୍ତବ କ୍ଷେତ୍ରରେ ସିଏ ଅର୍ଥ ଭଗବାନଙ୍କର ହିଁ ଉପାସନା କରୁଛି ।

ରେଳବାଇ କିମ୍ବା ହସ୍ପିଟାଲଗୁଡ଼ିକୁ ଧ୍ୱଂସ କରିଦେବାର ମୋ'ର କୌଣସି ଲକ୍ଷ୍ୟ ନାହିଁ । ଅବଶ୍ୟ ଏ କଥା ସତ ଯେ ସେଗୁଡ଼ିକ ସ୍ୱାଭାବିକ ଭାବରେ ଧ୍ୱଂସ ହୋଇଗଲେ ମୁଁ ତାହାକୁ ନିଶ୍ଚୟ ସ୍ୱାଗତ କରିବି । ରେଳବାଇ କିମ୍ବା ହସ୍ପିଟାଲ କେହି ହେଲେ ଏକ ଉଚ୍ଚ ତଥା ଶୁଦ୍ଧ ସଭ୍ୟତାର ପ୍ରତୀକ ଆଦୌ ନୁହନ୍ତି । ଖୁବ୍ ବେଶୀ ହେଲେ ସେଗୁଡ଼ିକୁ ଏକ ଆବଶ୍ୟକ ମନ୍ଦ ବୋଲି କୁହାଯାଇ ପାରିବ । ଏଗୁଡ଼ିକ ମଧ୍ୟରୁ କେହି ଗୋଟିଏ ହେଲେ ଗୋଟିଏ ଜାତିର ନୈତିକ ଉଚ୍ଚତାକୁ ବଢ଼ାଇବାରେ ଆଦୌ ସାହାଯ୍ୟ କରନ୍ତି ନାହିଁ ।

ବିଚାରାଳୟଗୁଡ଼ିକୁ ମଧ୍ୟ ସ୍ଥାୟୀ ଭାବରେ ନଷ୍ଟ କରି ଦିଆଯାଉ ବୋଲି ମୁଁ କଦାପି ଲକ୍ଷ୍ୟ ରଖି ନାହିଁ । ଏପରି ଏକ ପରିସମାପ୍ତିକୁ ଯେତେ ଉତ୍ସୁକଭାବରେ ଇଚ୍ଛା କରିବା ଉଚିତ ବୋଲି ମନେ କରୁଥିଲେ ମଧ୍ୟ ମୁଁ ତାହା ଚାହୁଁ ନାହିଁ । ଏହିସବୁ ଯନ୍ତ୍ରପାତି ଏବଂ କାରଖାନା ନଷ୍ଟ କରିଦେବାକୁ ମଧ୍ୟ ମୁଁ ତା' ଠାରୁ ଆହୁରି କମ୍ ଇଚ୍ଛା କରୁଛି । ଏହି କଥାଟି ଘଟିବା ପାଇଁ ଏପରି ଏକ ଉଚ୍ଚତର ସରଳତା ଏବଂ ତ୍ୟାଗଭାବନା ଆବଶ୍ୟକ, ଯାହା ଲାଗି କି ଜନଗଣ ଆପଣାକୁ ଆଜି ଆଦୌ ପ୍ରସ୍ତୁତ କରି ନାହାନ୍ତି ।

## ଶ୍ରଦ୍ଧା

ଶ୍ରଦ୍ଧାର ଅର୍ଥ ଆତ୍ମବିଶ୍ୱାସ । ଏହି ବିଶ୍ୱାସର ସାହାଯ୍ୟରେ ମଣିଷ ଅଭାବ, ନିର୍ଦ୍ଧନତା, ଦୁଃଖ-କଷ୍ଟ ଓ ଏକାନ୍ତରେ ମଧ୍ୟ ଭୟଭୀତ ହୁଏ ନାହିଁ । ଶ୍ରଦ୍ଧା ଜୀବନର ଅନ୍ଧକାରରେ ଆଲୋକ ହୋଇ ମାର୍ଗ ଦେଖାଏ ଏବଂ ମନୁଷ୍ୟକୁ ସେହି ଶାଶ୍ୱତ ଲକ୍ଷ୍ୟରୁ ବିମୁଖ ହେବାକୁ ଦିଏନାହିଁ । ଆତ୍ମଦେବଙ୍କ ପ୍ରତି ଈଶ୍ୱରଙ୍କ ପ୍ରତି, ଜୀବନର ଲକ୍ଷ୍ୟପ୍ରତି ମଣିଷ ହୃଦୟରେ କେତେ ଜିଜ୍ଞାସା ରହିଛି, ଜୀବନର ଏହି ବିଶାଳତାକୁ ଜାଣିବାକୁ ହେଲେ ମଣିଷର ଅନ୍ତଃକରଣର ଶ୍ରଦ୍ଧାକୁ ମାପିବା ଦରକାର । ଏହା ସେହି ଦୈବୀ ବରଦାନ, ଯାହାକୁ ପ୍ରାପ୍ତକରି ମଣିଷ ସାଂସାରିକ ବାଧାବିଘ୍ନରୁ ସହଜରେ ପାରି ହୋଇଯାଏ ।

ଶ୍ରଦ୍ଧା ଆତ୍ମାକୁ ସତ୍ୟପ୍ରାପ୍ତିର ମାର୍ଗ ଦେଖାଇଥାଏ । ମନୁଷ୍ୟ ଯେତେବେଳେ ମୁହୂର୍ତ୍ତଟିଏ ପାଇଁ ବି ଲୌକିକ ଚାକଚକ୍ୟ ତଥା କାମିନୀ କାଞ୍ଚନ ପଛରେ ମୋହିତ ହୋଇଯାଏ, ସେତେବେଳେ ମାଆଙ୍କ ଭଳି ସୁଶୀତଳ ଜଳରେ ମୁହଁ ଧୋଇ ଚେତାଉଥିବା ଶକ୍ତି ଏହି ଶ୍ରଦ୍ଧା ହିଁ ହୋଇଥାଏ । ସତ୍ୟର ସଦ୍‌ଗୁଣ ଐଶ୍ୱର୍ଯ୍ୟ ଏବଂ ଜ୍ଞାନର ଗଭୀରତା ନିଜ ବୁଦ୍ଧିବଳରେ ପ୍ରାପ୍ତ ହୁଏ ନାହିଁ । ତାହା ତେବେ ପ୍ରାପ୍ତ ହୁଏ, ଯେବେ ସେଥିପ୍ରତି ସବିନୟ ପ୍ରେମଭାବନା ବିକଶିତ ହୋଇଥାଏ, ଏହାକୁ ହିଁ ଶ୍ରଦ୍ଧା କୁହାଯାଏ । ଶ୍ରଦ୍ଧା ସତ୍ୟର ସୀମା ପର୍ଯ୍ୟନ୍ତ ସାଧକକୁ ସାଥି ରଖେ, ସମ୍ଭାଳି ରଖେ, ଅଗ୍ରଗାମୀ କରାଉଥାଏ ।

ଶ୍ରଦ୍ଧା ବଳରେ ହିଁ ମଳିନ ଚିତ୍ତ ଅଶୁଦ୍ଧ ଚିନ୍ତନ ପରିତ୍ୟାଗ କରି ପରମାତ୍ମାଙ୍କ ଚିନ୍ତନରେ ସଂଲଗ୍ନ ହୋଇଥାଏ । ବୁଦ୍ଧି ମଧ୍ୟ ପଦାର୍ଥରେ ତନ୍ମୟ ନ ରହି ପରମାତ୍ମଜ୍ଞାନରେ ଅଧିକାଧିକ ସୂକ୍ଷ୍ମଦର୍ଶୀ ହୋଇ ଦିବ୍ୟଭାବରେ ପରିବର୍ତ୍ତିତ ହୋଇଥାଏ । ମଣିଷର ସଂସ୍ଫର ଜ୍ଞାନ ଓ ତାର୍କିକ ଶକ୍ତି ସେତିକି ବଳବତୀ ହୋଇ ନ ଥାଏ ଯାହା ବଳରେ ସେ ନିରନ୍ତର ଉଚିତ ଅନୁଚିତ, ଆବଶ୍ୟକ ଅନାବଶ୍ୟକର ଯଥାର୍ଥ ଓ ଦୂରବର୍ତ୍ତୀ ପରିଣାମକୁ ଆତ୍ମାର ଅନୁକୂଳ ହେବାର ବିଶ୍ୱାସ ଦେଖାଇ ପାରିବ । ତର୍କ ପ୍ରାୟ ନିରର୍ଥକ ମନେ ହୁଏ । ଏପରି ସମୟରେ ଯେତେବେଳେ ନିଜ କର୍ମର ଔଚିତ୍ୟ ଅନୌଚିତ୍ୟକୁ ପରମ ପ୍ରେରକ ଶକ୍ତି ହାତରେ ସମର୍ପିତ କରି ଦିଆଯାଏ, ସେତେବେଳେ ମନରେ ଏକ ପ୍ରକାର ନିଶ୍ଚିନ୍ତତା ଆସିଯାଏ ଓ ମନର ବୋଝ ହାଲୁକା ହୋଇଯାଏ । ଯାହାର ଜୀବନ ନାବ ପରମାତ୍ମାଙ୍କ ହାତରେ ଥିବ, ତାକୁ କାହାର ଭୟ ? ସର୍ବଶକ୍ତିମାନ ସହିତ ସମ୍ବନ୍ଧ ସ୍ଥାପିତ କରି ମଣିଷ ନିର୍ଭୟ ହୋଇଯାଏ, ତା'ର ସ୍ୱର୍ଗରୁ ହିଁ ତା' ଠାରେ ଅଜେୟ ବଳ ଆସିଯାଏ । ବ୍ୟକ୍ତିତ୍ୱରୁ ସଦ୍‌ଗୁଣର ପ୍ରକାଶ ଓ ଦିବ୍ୟତା ଝରିବାରେ ଲାଗେ । ଜୀବନରେ ଆନନ୍ଦ ଝଲକିବାରେ ଲାଗେ । ଏହି ସମ୍ବନ୍ଧ ଓ ସ୍ପର୍ଶ ଯେ ପର୍ଯ୍ୟନ୍ତ ପୂର୍ଣ୍ଣତା ପ୍ରାପ୍ତି ହୋଇନାହିଁ, ସେ ପର୍ଯ୍ୟନ୍ତ ଶ୍ରଦ୍ଧା ରୂପରେ ପ୍ରକଟ ଓ ବିକଶିତ ହୋଇଥାଏ । ତାହା ଏକ ପ୍ରକାରର ପାଥେୟ, ତେଣୁ ତାହାର ମୂଲ୍ୟ ଓ ମହତ୍ତ୍ୱ ବି ସେତିକି ଅଧିକ, ଯେତିକି ନିଜ ଲକ୍ଷ୍ୟର, ଗନ୍ତବ୍ୟର, ଅଭୀଷ୍ଟର, ଆତ୍ମା ସତ୍ୟ ଅଥବା ପରମାତ୍ମା ପ୍ରାପ୍ତିର ମହତ୍ତ୍ୱ ।

ପରମାତ୍ମାଙ୍କପ୍ରତି ଯେଉଁ ଅତ୍ୟନ୍ତ ଉଦାରତାପୂର୍ଣ୍ଣ ଆତ୍ମଭାବନା ଜାତ ହୋଇଥାଏ ତାହା ହିଁ ଶ୍ରଦ୍ଧା । ସାତ୍ତ୍ୱିକ ଶ୍ରଦ୍ଧାର ପୂର୍ଣ୍ଣତା ଦ୍ୱାରା ଅନ୍ତଃକରଣ ସ୍ୱତଃ ପବିତ୍ର ହୋଇଯାଏ । ଶ୍ରଦ୍ଧାଯୁକ୍ତ ଜୀବନର ବିଶେଷତାରୁ ହିଁ ମଣିଷର ସ୍ୱଭାବରେ ଏପରି ସୁନ୍ଦରତା ବଢ଼ିଥାଏ, ଯାହାକୁ ଦେଖି ଶ୍ରଦ୍ଧାବାନ୍ ସ୍ୱୟଂ ସନ୍ତୁଷ୍ଟ ହୋଇଥାଏ । ଶ୍ରଦ୍ଧା ସରଳ ହୃଦୟର ଏପରି ପ୍ରୀତିଯୁକ୍ତ ଭାବନା, ଯାହା ଶ୍ରେଷ୍ଠ ପଥ ବା ଉତ୍ତମ କର୍ମାନୁଷ୍ଠାନକୁ ସଫଳ ବନାଇଥାଏ । ତେଣୁ ତ ଶାସ୍ତ୍ରକାର କହିଛନ୍ତି- 'ଆମେ ସେହି ଭବାନୀ ଓ ଭଗବାନ ପ୍ରକୃତି ଓ ପରମାତ୍ମାଙ୍କୁ ଶ୍ରଦ୍ଧା ବିଶ୍ୱାସ ରୂପରେ ବନ୍ଦନା କରୁଛୁ ଯାହାଙ୍କ ବିନା ସିଦ୍ଧି ଓ ଈଶ୍ୱର ଦର୍ଶନର ଇଚ୍ଛା ପୂର୍ଣ୍ଣ ହୁଏନାହିଁ ।

ତୁଳସୀଦାସଜୀ ଜ୍ଞାନ ଭକ୍ତିର ନିରୂପଣ କରି ଉତ୍ତରକାଣ୍ଡରେ ଲେଖିଛନ୍ତି-

ସାତ୍ତ୍ୱିକ ଶ୍ରଦ୍ଧା ଧେନୁ ସୁହାଈ ।, ଜୋ ହରି କୃପା ହୃଦୟ ବସ ଆଈ । । ଜପ ତପ ବ୍ରତ ଜମ ନିୟମ ଅପାର । ଜୋ ଶ୍ରୁତି କହ ଶୁଭ ଧର୍ମ ଅଧାରା । ତେଈ ତୃନ ହରିତ ଧରୈ ଜବ ଗାଈ । ଭାବ ବଚ୍ଛ ସିସୁ ପାଇ ପେହ୍ନାଈ ।

ଏହି ବିଧି ଲେସୈ ଦୀପ ତେଜରାଶି ବିଜ୍ଞାନମୟ ।

ଜାତହି ଜାସୁ ସମୀପ ଜରହିଁ ମଦାଦିକ ସୁଲଭ ସବ ।

ଯେ ପର୍ଯ୍ୟନ୍ତ ମନୁଷ୍ୟର ଅନ୍ତଃକରଣରେ ଶ୍ରଦ୍ଧାରୂପୀ ଗାଈ ଜନ୍ମିନାହିଁ, ସେପର୍ଯ୍ୟନ୍ତ ଜପ, ତପ, ନିୟମ, ବ୍ରତ ଆଦି ଯେତେ ବି ଧର୍ମାଚରଣ ରହିଛି, ତହିଁରେ ମନୁଷ୍ୟର ବୁଦ୍ଧି ସ୍ଥିର ରହେ ନାହିଁ । ଏହି ଶ୍ରଦ୍ଧା ହିଁ ଜୀବନର କଠିନତାରୁ ମଣିଷକୁ ପାରି କରାଏ ଏବଂ ଆତ୍ମଗୁଣର ବିକାଶ କରି ତାକୁ ବିଜ୍ଞାନଯୁକ୍ତ ପରମାତ୍ମାଙ୍କ ପ୍ରକାଶ ପର୍ଯ୍ୟନ୍ତ ପହଞ୍ଚାଏ ।

ଶ୍ରଦ୍ଧା ସରଳତା ଓ ପବିତ୍ରତାର ସଂଯୋଗରୁ ଜନ୍ମେ । ପାର୍ଥିବ ବସ୍ତୁରୁ ଉପରକୁ ଉଠିବାକୁ ହେଲେ ସରଳତା ଓ ପବିତ୍ରତା ଉଭୟ ଗୁଣ ଅତ୍ୟାବଶ୍ୟକ । ଇଚ୍ଛାରେ ସରଳତା ଓ ପ୍ରେମରେ ପବିତ୍ରତାର ଯେତେ ଅଧିକ ବୃଦ୍ଧି ହୁଏ, ଶ୍ରଦ୍ଧା ସେତେ ଅଧିକ ବଳବତୀ ହୁଏ । ସରଳତା ଦ୍ୱାରା ପରମାତ୍ମାଙ୍କର ଭାବାନୁଭୂତି ହୋଇଥାଏ ଏବଂ ପବିତ୍ର ପ୍ରେମ ମାଧ୍ୟମରେ ତାଙ୍କର ରସାନୁଭୂତି ହୁଏ । ଶ୍ରଦ୍ଧା ଏଇ ଉଭୟର ସମ୍ମିଳିତ ସ୍ୱରୂପ । ତହିଁରେ ଭାବନା ବି ରହିଛି ଓ ରସ ବି । ଏହା ଯେଉଁଠାରେ ଉଦିତ ହୁଏ, ସେଠାରେ ଲକ୍ଷ୍ୟପ୍ରାପ୍ତିର ଅଧିକାଂଶ ସମାଧାନ ଶୀଘ୍ର ହୋଇଯାଏ । ବିଶ୍ୱାସହୀନ ବ୍ୟକ୍ତି ପାଖକୁ ଛୋଟ କାମଟିଏ ଆସିଗଲେ ବି ଚିନ୍ତାରେ ପଡିଯାଏ, କିନ୍ତୁ ସେହି କାମକୁ ସାହସ ଓ ଭାବନା ସାହାଯ୍ୟରେ ହାତକୁ ନେଲେ ଚିନ୍ତା ଓ କଠିନତା ବି ଆନନ୍ଦରେ ପରିଣତ ହୋଇଯାଏ ତଥା ଯେଉଁ କାମ ବୋଝପରି ଲାଗୁଥିଲା, ତାହା ସରଳତାରେ ସାଧିତ କରିନେବା ଯୋଗ୍ୟ ହୋଇଯାଏ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

# ସ୍ୱର୍ବେଦ

**ଧର୍ମ ନୀତି ଅରୁ ନ୍ୟାୟ ସେ,**
**ସମଦରଶୀ ସଂସାର ।**
**ଭୂ ବ୍ୟାପକ ୟହ ଧର୍ମ ହୈ,**
**ଭୂମଣ୍ଡଲ ପରଚାର ॥୪୦॥**

ଭାଷ୍ୟ - ଧର୍ମ, ନୀତି ଓ ନ୍ୟାୟରେ ସମସ୍ତ ସଂସାରର କଲ୍ୟାଣ ହେବା ବିଧେୟ । ବ୍ରହ୍ମବିଦ୍ୟାର ସମଦର୍ଶୀ ପ୍ରଚାର ସମସ୍ତ ଭୂମଣ୍ଡଳ ନିମନ୍ତେ ଉଦ୍ଦିଷ୍ଟ । ଏହି ପୃଥିବୀ ମଣ୍ଡଳର ସମସ୍ତ ପ୍ରାଣୀ ଏହି ଆଧ୍ୟାତ୍ମ ବିଦ୍ୟାର ତତ୍ତ୍ୱଜ୍ଞାନ ଓ ଅନୁଭବ ଭେଦ ସାଧନର ଲାଭ ଉଟାଇ ନିଜର ଜୀବନର ଉତ୍ଥାନ କରନ୍ତୁ । ବ୍ରହ୍ମବିଦ୍ୟା ପ୍ରଚାର ରୂପୀ ଧର୍ମ ସମସ୍ତ ସଂସାର ନିମନ୍ତେ ଉଦ୍ଦିଷ୍ଟ ।

**ସୁଖ ଶାନ୍ତି ସବକୋ ମିଲୈଁ, ୟହ**
**ଉପଦେଶ ହମାର ।**
**ସାରା ୱିଶ୍ୱ ହମାର ହୈ, ହମ ହୈଁ**
**ସବ ସଂସାର ॥୪୧॥**

ଭାଷ୍ୟ - ସମଗ୍ର ସଂସାରକୁ ସୁଖ ଏବଂ ଶାନ୍ତି ପ୍ରାପ୍ତ ହେଉ, ଏହା ମୋର ଉପଦେଶ ଅଟେ । ସମଗ୍ର ବିଶ୍ୱ ଆମର ଏବଂ ଆମେ ସାରା ସଂସାରର ଅଟୁ । ସମସ୍ତ ବିଶ୍ୱର ଉନ୍ନତି ଆମର ଉନ୍ନତି ହୋଇପାରେ । ସେଥିପାଇଁ ବ୍ରହ୍ମବିଦ୍ୟା ପ୍ରଚାର ଦ୍ୱାରା ଜୀବନର ସର୍ବତୋନ୍ମୁଖୀ ଉନ୍ନତି କରି ବିଶ୍ୱର କଲ୍ୟାଣ କରିବା ଉଚିତ ।

**ଜଡ଼ ମାୟା ତୁଝେ ଠଗୀ, ତୁମ**
**ଚେତନ ଠଗି ଜାୟ ।**
**ୟହ କୈସା ଅଜ୍ଞାନ ହୈ, ସଦ୍‌ଗୁରୁ**
**ଶରଣ ଉପାୟ ॥୪୨॥**

ଭାଷ୍ୟ - ଜଡ଼ ମାୟା ତୁମକୁ ପ୍ରତାରିତ କରେ ଓ ତୁମେ ଚେତନଶୀଳ, ଜ୍ଞାନବାନ ହୋଇ ଠକାମିରେ ପଡ଼ିଯାଅ, ଏହା କିପରି ଅଜ୍ଞାନତା ଅଟେ ? ସଦ୍‌ଗୁରୁ ଶରଣରେ ରହି ସଦ୍‌ଗୁରୁ ଉପାୟ




ଦ୍ୱାରା ଏହାର ନିବୃତ୍ତି କରିବାର ପ୍ରଯତ୍ନ କରନ୍ତୁ ।

**ମନ ୱଚ କାୟା କର୍ମଣା, ସଦ୍‌ଗୁରୁ**
**ଶରଣ ଅଧୀନ ।**
**ଅନନ୍ୟ ଭାୱ ସିଦ୍ଧାନ୍ତ ରତ,**
**ସେୱା ମନ ଲୱଲୀନ ॥୪୩॥**

ଭାଷ୍ୟ - ମନ, ବଚନ, କାୟା ଓ କର୍ମରେ ସଦ୍‌ଗୁରୁ ଶରଣରେ ଅଧୀନ ରୁହ, ଅନନ୍ୟଶରଣ ଭାବରେ ସିଦ୍ଧାନ୍ତ ପଥରେ ପରିଚାଳିତ ହୋଇ ସେବାଯୁକ୍ତ ହୁଅ ଏବଂ ପ୍ରଭୁଙ୍କର ଉପାସନା କର ।

**ସଦ୍‌ଗୁରୁ ବ୍ରହ୍ମସ୍ୱରୂପ ହୈଁ, କର**
**ସେୱା ମନ ଲାୟ ।**
**ଜୀୱ ଭାୱ ଆୱେ ନହୀଁ, ସବ ୱିଧି**
**ଭ୍ରମ ନଶାୟ ॥୪୪॥**

ଭାଷ୍ୟ - ସଦ୍‌ଗୁରୁ ବ୍ରହ୍ମସ୍ୱରୂପ ଅଟନ୍ତି । ତେଣୁ ଜୀବର ଭାବକୁ ଛାଡ଼ି ଶୁଦ୍ଧ ମନରେ ତାଙ୍କରି ସେବା କରିବା ଉଚିତ ଯାହା ଫଳରେ ସମସ୍ତ ପ୍ରକାରର ସଂଶୟ ନଷ୍ଟ ହୋଇଯିବ । ସଦ୍‌ଗୁରୁଙ୍କର ନିର୍ଭ୍ରାନ୍ତ ବଚ୍ଚନରୁ ହିଁ ସମସ୍ତ ସଂଶୟ ଏବଂ ମୋହର ନିବୃତ୍ତି ହୋଇଥାଏ ।

**ଗୃହୀ ଧର୍ମ ୟହ ଶ୍ରେଷ୍ଠ ହୈ, ସବ**
**ୱିଧି ସଦ୍‌ଗୁରୁ ସେୱ ।**
**ପୂଜେ ସବ ମନ କାମନା, ଗୁରୁ**
**ଦେୱନ କା ଦେୱ ॥୪୫॥**

ଭାଷ୍ୟ - ଗୃହସ୍ଥୀର ଧର୍ମ ସବୁଠାରୁ ଶ୍ରେଷ୍ଠ ଅଟେ । ସମସ୍ତ ଗୁରୁମାନଙ୍କ ମଧ୍ୟରେ ଗୁରୁ ସଦ୍‌ଗୁରୁଦେବ ଶ୍ରେଷ୍ଠ ଗୁରୁ ଅଟନ୍ତି । ଏହାଙ୍କର ସମସ୍ତ ପ୍ରକାର ସେବା କରିବା ଦ୍ୱାରା ମନର ସକଳ ଇଚ୍ଛା ପୂର୍ଣ୍ଣ ହୁଏ ।

**ଆରତ ଦୀନ ଅଧୀନ ବନ, ସେୱା**
**କର ଲୋ ଜ୍ଞାନ ।**
**ସେୱକ ନିଶ୍ଚୟ ପତନ ହୈ, କର**
**ଗୁରୁ ସେ ଅଭିମାନ ॥୪୬॥**

ଭାଷ୍ୟ - ତ୍ରିତାପ ପୀଡ଼ିତ ପ୍ରଭୁ ଭକ୍ତ, ଅନୁରାଗୀ ଜୀବ, ଦୀନ ଅଧୀନ ହୋଇ ସଦ୍‌ଗୁରୁଙ୍କର ସେବା କରି ଜ୍ଞାନ ପ୍ରାପ୍ତ କରିଥାନ୍ତି । ସେହି ସେବକର ପତନ ନିଶ୍ଚିତ ହୋଇଯାଏ ଯିଏ ଗୁରୁଙ୍କ ନିକଟରେ ଅଭିମାନ କରିଥାଏ । ନିରାଭିମାନୀ ସେବକ ହିଁ ଜ୍ଞାନ ବିଜ୍ଞାନ ଓ ସୁଖ ଶାନ୍ତିକୁ ପ୍ରାପ୍ତ କରିଥାଏ ।

**ଶୁଭ ଗୁଣ ଶିଷ୍ୟ ଅଧୀନତା, ମୂଢ଼ନ**
**ଚିହ୍ନ ଅଭିମାନ ।**
**ସଦ୍‌ଗୁରୁ ସେ ମନମୁଖ ଚଲୈ,**
**ପର ଚୌରାସୀ ଖାନ ॥୪୭॥**

ଭାଷ୍ୟ - ଶିଷ୍ୟମାନଙ୍କର ଉନ୍ନତିଶୀଳ ଗୁଣ ଅଧୀନତା ଅଟେ ଓ ପତନ ହେବାର ଚିହ୍ନ ଅଭିମାନ ଅଟେ । ସଦ୍‌ଗୁରୁ ଆଜ୍ଞା ନିୟମ ବିରୁଦ୍ଧରେ ଗଲେ ଶିଷ୍ୟ ଚୌରାଶୀ ଲକ୍ଷ ଯୋନିରେ ଯାଇ ଅଧୋଗତିକୁ ପ୍ରାପ୍ତ ହୋଇ ମହାନ୍ କଷ୍ଟ ଭୋଗକରେ । ସଦ୍‌ଗୁରୁବିମୁଖୀ ଶିଷ୍ୟର କଦାପି କଲ୍ୟାଣ ହୁଏନାହିଁ । ସେ ସର୍ବଦା ଦୁଃଖମୟ ଜୀବନ ପ୍ରାପ୍ତ ହୋଇ ନଷ୍ଟ ଭ୍ରଷ୍ଟ ହୋଇଯାଏ ।

**ସେୱା ସନ୍ତନ କୀ କରୋ, ଏକ**
**ଆୱୈ ଏକ ଜାୟ ।**
**ସତ୍ସଙ୍ଗତି ଜୀୱନ ବନେ,**
**ସୁମିରନ ଭଜନ ସମାୟ ॥୪୮॥**

ଭାଷ୍ୟ - ବାରମ୍ବାର ସନ୍ଥମାନଙ୍କର ଆତଯାତ ଗୃହସ୍ଥମାନଙ୍କ ଘରକୁ ହେଉ ଏବଂ ଗୃହସ୍ଥ ସେହି ସନ୍ଥଜନମାନଙ୍କର ଶ୍ରଦ୍ଧାଯୁକ୍ତ ସର୍ବ ସେବା କରନ୍ତୁ । ସେମାନଙ୍କର ସତ୍ ସଙ୍ଗତରୁ ଜୀବନ ଧନ୍ୟ ହୋଇଯିବ ଓ ପ୍ରଭୁଙ୍କର ସ୍ମରଣ, ଭଜନରେ ଆତ୍ମା ଅନ୍ତର୍ମୁଖୀ ହୋଇ ପରମାନନ୍ଦ ପ୍ରାପ୍ତ ହେବ ।

**ସତ୍ସଙ୍ଗୀ ଛୁଟେ ନହୀଁ, ନିତ୍ୟ**
**ନିୟମ ସତ୍ସଙ୍ଗ ।**
**ଗୁଣାୱାଦ ଗୁରୁ କୀ କରୋ, ସବ**
**ପ୍ରାଣୀ ଏକ ସଙ୍ଗ ॥୪୯॥**

ଭାଷ୍ୟ - ସତ୍ ସଂଗତି ଗୃହସ୍ଥମାନଙ୍କର କଦାପି ଛାଡ଼େ ନାହିଁ । ସେମାନେ ନିତ୍ୟ ନିୟମରେ ଭଜନ, ପ୍ରାର୍ଥନା ଏବଂ ସତ୍ସଙ୍ଗ କରିଥାନ୍ତି ଓ ପରିବାରର ସମସ୍ତ ପ୍ରାଣୀ ଏକତ୍ର ସଦ୍‌ଗୁରୁଙ୍କର ମହିମା ଓ ତାଙ୍କର ଗୁଣଗୁଡ଼ିକର ଗାଥା ଗାନ କରିଥାନ୍ତି । ସଦ୍‌ଗୁରୁଙ୍କର ବନ୍ଦନା, ତାଙ୍କର ମହିମାର ବର୍ଣ୍ଣନା କରି ଆତ୍ମାକୁ ପବିତ୍ର କରି ଭଜନ ଏବଂ ସାଧନା ବ୍ରତୀ ହେବା ଲାଗିବା ଉଚିତ ।

**ଗୁରୁ ମହିମା କୋ କହି ସକେ,**
**ଥକିତ ଶାରଦା ଶେଷ ।**
**ଦେୱ ସଦାଫଲ ଗୁରୁ କୃପା,**
**ପାୱେ ପଦ ଅୱଶେଷ ॥୫୦॥**

ଭାଷ୍ୟ - ସଦ୍‌ଗୁରୁଙ୍କର ମହିମା କହିବାକୁ ସରସ୍ୱତୀ ଓ ଦେବତାମାନେ ମଧ୍ୟ ଥକି ଯାଆନ୍ତି । ସଦ୍‌ଗୁରୁଙ୍କର କୃପାରୁ ଜୀବନର ଅନ୍ତିମ ଲକ୍ଷ୍ୟ, ପୂର୍ଣ୍ଣ ନିର୍ବାଣପଦ ପ୍ରାପ୍ତି ହୋଇଥାଏ ।

**॥ ଇତି ସ୍ୱର୍ବେଦ ଚତୁର୍ଥ ମଣ୍ଡଳ,**
**ଦଶମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

## ଔଷଧୀୟ ମକା

ମକାକୁ ପାଣିରେ ସିଝାଇ ସେହି ପାଣିରେ ମିଶିରି ମିଶାଇ ପିଇଲେ ପରିସ୍ରା ଜ୍ୱଳନ, କିଡନୀ ରୋଗ ଦୂର ହୋଇଥାଏ ।

ମକାରେ ପ୍ରଚୁର ମାତ୍ରାରେ ଫାଇବର ରହିଛି । ଏଣୁ ଖାଦ୍ୟ ସହଜରେ ହଜମ ହୋଇଥାଏ । କୋଷ୍ଠକାଠିନ୍ୟ, ଅର୍ଶ ଓ ପେଟ କ୍ୟାନସରର ଭୟ ଦୂର କରେ ।



ଏଥିରୁ ମ୍ୟାଗ୍ନେସିୟମ୍, ଆଇରନ୍, କପର ଓ ଫସ୍‌ଫରସ ମିଳିଥାଏ । ଯାହାକି ଅସ୍ଥି ମଜବୁତ କରିଥାଏ । ପୋଷକ ତତ୍ତ୍ୱ ରହିଥିବା ହେତୁ ଅସ୍ଥି ଭାଙ୍ଗିବାର ଆଶଙ୍କା କମ୍ ଥାଏ ।

ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ସ୍କିନ୍ ଦୀର୍ଘଦିନ ଧରି ଉଜ୍ଜ୍ୱଳ ଦିଶେ । ଏହାକୁ ନିୟମିତ ଖାଇବା ସହିତ ଏହାର ତେଲ ଲଗାଇବା ଉଚିତ । ମକା ତେଲରେ ଲିନୋଲିକ୍ ଏସିଡ୍ ଥିବାରୁ ତ୍ୱଚାର ଉଜ୍ଜ୍ୱଳ, ଦାଗ ଦୂର କରିବା ସହିତ ଚର୍ମରୋଗରୁ ମୁକ୍ତି ମିଳିଥାଏ । ମକା ତେଲ ତ୍ୱଚାକୁ କୋମଳ ରଖିଥାଏ ।

ଆଇରନ ମାତ୍ରା ଅଧିକ ଥିବା ହେତୁ ରକ୍ତହୀନ ରୋଗୀଙ୍କ ପାଇଁ ରାମବାଣ ସଦୃଶ । ଏଥିରେ ଭିଟାମିନ୍ ବି' ଓ ଫୋଲିକ୍ ଏସିଡ୍ ରହିଛି । ଯାହାକି ରକ୍ତହୀନତା ଦୂର କରିଥାଏ ।

ମକା ହୃଦୟ ରୋଗ ଦୂର କରିବାରେ ସହାୟକ ହୋଇଥାଏ । କାରଣ ଏଥିରେ ଭିଟାମିନ୍ ସି' କାରୋଟିନାଇଡ୍, ବୟୋଫ୍ଲୋବିନାଇଡ୍ ମିଳିଥାଏ । କୋଲେଷ୍ଟ୍ରଲ୍ ଲେବଲକୁ ବଢ଼ାଇବାରୁ ରକ୍ଷା କରିଥାଏ ଓ ଶରୀରରେ ରକ୍ତ ପ୍ରବାହକୁ ବଢ଼ାଇଥାଏ ।

ମକା ଗର୍ଭବତୀ ମହିଳାଙ୍କ ପାଇଁ ବହୁ ଲାଭଦାୟକ । ଗର୍ଭବତୀ ମହିଳା ଏହାକୁ ନିୟମିତ ଖାଦ୍ୟରେ ସାମିଲ କରିବା ଉଚିତ । ଏଥିରେ ଫୋଲିସକ୍ ଏସିଡ୍ ଥାଏ ଯାହାକି ଗର୍ଭସ୍ଥ ଶିଶୁର ଶରୀର ବିକାଶରେ ସାହାଯ୍ୟ କରିଥାଏ ।

## ଟିକିଏ ହସନ୍ତୁ

ସ୍ତ୍ରୀ ସ୍ୱାମୀଙ୍କୁ : ଜାଣିଛ, ତୁମ ସାଙ୍ଗ ସହ କାଲି ଦେଖା ହୋଇଥିଲା । ସେ ମୋ ସୁନ୍ଦରତା ବହୁତ ପ୍ରଶଂସା କଲା ।

ସ୍ୱାମୀ : ଗୋପୀ ସହ ତୁମର ଦେଖା ହୋଇଥିଲା କି ?

ସ୍ତ୍ରୀ : ତମେ କେମିତି ଜାଣିଲ ?

ସ୍ୱାମୀ : ସେ ତ କବାଡିବାଲା । ତାକୁ ସବୁ ପୁରୁଣା ଓ ଭଙ୍ଗା ଜିନିଷ ସୁନ୍ଦର ଦେଖାଯାଏ । ସେଇଥିରୁ ଅନୁମାନ କଲି ।

× × × ×

ଦୋକାନୀ : ଆଜ୍ଞା ଅସରପା ପାଇଁ ନୂଆ ପାଉଡର ଆସିଛି, ନେବେ କି ?

ବ୍ୟକ୍ତି : ନା, ନା, ଆମେ ଅସରପାକୁ ଏତେ ଗେହ୍ଲା କରୁନା । ଆଜି ଯଦି ପାଉଡର ଦେବି କାଲି ପୁଣି ପରଫ୍ୟୁମ୍ ମାଗିବ ।

× × × ×

ମନୋଜ ରାଜୁକୁ : ତୋ ଭାଇ ଏବେ କ'ଣ କରୁଛି ?

ରାଜୁ : ଗୋଟେ ଦୋକାନ ଖୋଲିଥିଲା । ସେଥିପାଇଁ ଏବେ ସେ ଜେଲରେ ଅଛି ।

ମନୋଜ : ଦୋକାନ ଖୋଲିବାରୁ ଜେଲ । ହେଲେ କାହିଁକି ?

ରାଜୁ : ମୋ ଭାଇ ଅନ୍ୟଜଣଙ୍କ ଦୋକାନର ତାଲାକୁ ହାତୁଡିରେ ପିଟି ପିଟି ଖୋଲିଥିଲା ।



× × × ×

ମଧରାତ୍ରିରେ ମିଣ୍ଟୁର ଘର କବାଟ କିଏ ବାଡଉଥିଲା ।

ମିଣ୍ଟୁ : କିଏ ?

ଚିଣ୍ଟୁ : ମୁଁ ।

ମିଣ୍ଟୁ : ମୁଁ କିଏ ?

ଚିଣ୍ଟୁ : ଆରେ ପାଗଳ, ତୁ ମିଣ୍ଟୁ ଆଉ କିଏ ?

× × × ×

ଶିକ୍ଷକ ବେତ ଧରି କ୍ଲାସକୁ ଆସି ରାଜୁକୁ ପଚାରିଲେ : କାଲି ତୁ କାଇଁ ସ୍କୁଲ ଆସି ନ ଥିଲୁ ?

ରାଜୁ : ସାର ମୁଁ କାଲି ସ୍ୱପ୍ନରେ ଚାଇନା ପଳାଇଥିଲି ।

ଶିକ୍ଷକ : ବିଜୁ କାଲି ତୁ କେଉଁଠି ଥିଲୁ ?

ରାଜୁ : ସାର ମୁଁ ବିଜୁକୁ ଏୟାରପୋର୍ଟ ଛାଡିବାକୁ ଯାଇଥିଲି ।

× × × ×

ମିକୁ ଚିକୁକୁ କହିଲା : ଆରେ ତୁ ଏତେ ମୋଟା କେମିତି ହେଲୁ ?

ଚିକୁ : ଘରେ ଫ୍ରିଜ୍ ନାହିଁ ତ

ମିକୁ : ତେବେ କ'ଣ ଅସୁବିଧା ।

ଚିକୁ : କିଛି ଖାଦ୍ୟ ରଖି ହେଉନି ସବୁମୋତେ ଖାଇବାକୁ ପଡୁଛି ।

## ଶ୍ରଦ୍ଧା... (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରାଚୀନ କାଳରେ ମହାପୁରୁଷମାନେ ଅନ୍ଧକାର ଗ୍ରସିତ ଲୋକଙ୍କୁ ସେମାନଙ୍କର ଶ୍ରଦ୍ଧା ଜାଗ୍ରତ କରି ହିଁ ସେମାନଙ୍କୁ ସନ୍ମାର୍ଗରେ ଚଳାଉଥିଲେ । ଶିଷ୍ୟମାନଙ୍କୁ ଶ୍ରଦ୍ଧାର ପୂର୍ଣ୍ଣ ପାଠ ପଢ଼ାଯାଉଥିଲା ଏବଂ ସାଧନାର ସ୍ଥିରତା ପାଇଁ ତପ ବି ଆବଶ୍ୟକ ହେଉଥିଲା । ଯୁଗ ଓ ପରିସ୍ଥିତି ବଦଳିଗଲେ ବି କ'ଣ ହେଲା, ଆଜି ବି ତାହା ସେତିକି ଆବଶ୍ୟକ । ପରମାତ୍ମା ସତ୍ୟ, ତାଙ୍କ ଗୁଣ ସ୍ୱଭାବ ବି ପରିବର୍ତ୍ତନୀୟ, ସେହିପରି ତାଙ୍କ ପର୍ଯ୍ୟନ୍ତ ପହଞ୍ଚିବାର ପଥ ଓ ମାଧମ ବି ଅପରିବର୍ତ୍ତିତ । ତାକୁ ଆଜି ବି ପ୍ରାପ୍ତ କରାଯାଇପାରେ ଓ ଅନୁଭବ କରାଯାଇପାରେ । କିନ୍ତୁ ସେହି ସ୍ଥିତିର ପରିପକ୍ୱତା ମାଧମରେ ଯେଉଁ ସାଧନା, ପରିବର୍ତ୍ତନ, ଆଲୋଡନ, କଠିନତା ଓ ଦୁରଭିସନ୍ଧି ଆଦି ଆସିଥାଏ, ସେଗୁଡିକରୁ ପାରି ପାଇବା ପାଇଁ ଶ୍ରଦ୍ଧା ଅତ୍ୟନ୍ତ ଆବଶ୍ୟକ ।

ଶ୍ରଦ୍ଧା ତପ ଅଟେ । ଶ୍ରଦ୍ଧା ଈଶ୍ୱରୀୟ ଆଦେଶରେ ନିରନ୍ତର ଚାଲିବାର ପ୍ରେରଣା ଦିଏ । ଆଳସ୍ୟରୁ ରକ୍ଷା କରେ । କର୍ତ୍ତବ୍ୟ ପାଳନରେ ଆସୁଥିବା ପ୍ରମାଦରୁ ରକ୍ଷା କରେ । ସେବାଧର୍ମର ଶିକ୍ଷା ଦିଏ । ଅନ୍ତରାତ୍ମାକୁ ପ୍ରଫୁଲ୍ଲିତ, ପ୍ରସନ୍ନ ରଖେ । ଏହିପରି ତପ ଓ ତ୍ୟାଗଦ୍ୱାରା ଶ୍ରଦ୍ଧାବାନ ବ୍ୟକ୍ତିର ହୃଦୟରେ ପବିତ୍ରତା ଏବଂ ଶକ୍ତିର ଭଣ୍ଡାର ଆପେ ଆପେ ଭରିଚାଲେ । ଗୁରୁ କିଛି ନ ଦେଲେ ବି ଶ୍ରଦ୍ଧାଠାରେ ସେହି ଶକ୍ତି ରହିଛି, ଯାହା ଅନନ୍ତ ଆକାଶରୁ ନିଜପାଇଁ ସଫଳତାର ତତ୍ତ୍ୱ ଓ ସାଧନକୁ ଆଶ୍ଚର୍ଯ୍ୟଜନକ ଭାବରେ ଟାଣିଆଣେ । ଧ୍ରୁବ, ଏକଲବ୍ୟ, ଅଜ, ଦିଲୀପ ଆଦିଙ୍କୁ ସେମାନଙ୍କ ଅନ୍ତଃକରଣର ଶ୍ରଦ୍ଧା ହିଁ ସାଧନାରେ ସଫଳ ବନାଇଥିଲା । ସେମାନଙ୍କ ଗୁରୁମାନେ ତ କେବଳ ସେମାନଙ୍କୁ ଚିହ୍ନିଥିଲେ । ଯଦି ସେହି ସ୍ତରର ଶ୍ରଦ୍ଧା ଆଜି ବି ଲୋକଙ୍କ ଭିତରେ ଆସିଯିବ ଓ ଲୋକେ ପୂର୍ଣ୍ଣରୂପେ ପରମାତ୍ମାଙ୍କ ଇଚ୍ଛାରୂପେ ଚାଲିବା ପାଇଁ ପ୍ରସ୍ତୁତ ହୋଇଯିବେ, ତେବେ ବିଶ୍ୱଶାନ୍ତି, ଚିର ସନ୍ତୋଷ ଓ ଅନନ୍ତ ସମୃଦ୍ଧିର ପରିସ୍ଥିତି ନିର୍ମିତ ହେବାରେ ବିଳମ୍ବ ଲାଗିବ ନାହିଁ । ଶ୍ରଦ୍ଧାଦ୍ୱାରା ନିଶ୍ଚିତ ରୂପରେ ସତ୍ୟର ଉଦୟ, ପ୍ରାକଟ୍ୟ ଓ ପ୍ରାପ୍ତି ହୋଇଥାଏ । ଏହି କଥାକୁ ସଂକ୍ଷେପରେ ଗୀତାରେ ଏହିପରି କୁହାଯାଇଛି - ଜିତେନ୍ଦ୍ରିୟ ଶ୍ରଦ୍ଧାବାନ ପୁରୁଷଙ୍କୁ ହିଁ ଜ୍ଞାନ ପ୍ରାପ୍ତି ହୁଏ ଏବଂ ଜ୍ଞାନରୁ ପରମାତ୍ମାରୂପୀ ଶାଶ୍ୱତ ଶାନ୍ତି ବା ପରମ ସତ୍ୟର ଉପଲବ୍ଧି ହୋଇଥାଏ ।

## ଚକ୍ଷୁ ଓ ମେଦ ସମସ୍ୟାରୁ ମୁକ୍ତି ଦିଏ ଲେମ୍ବୁ

ସୁସ୍ଥ ଓ ନୀରୋଗ ଶରୀର ସମସ୍ତଙ୍କ କାମ୍ୟ । ସେଥିପାଇଁ କିଏ ବ୍ୟାୟାମ କରୁଛି ତ କିଏ ଭିଟାମିନ୍ ବଟିକା ଖାଇବା ଅଭ୍ୟାସରେ ପରିଣତ କଲାଣି । ସୁସ୍ଥ ରହିବା ପାଇଁ ପ୍ରତିଦିନ ଅଧଘଣ୍ଟାରୁ ଘଣ୍ଟାଏ ବ୍ୟାୟାମ ସହିତ ଖାଦ୍ୟରେ ଗୋଟିଏ ଲେଖାଏଁ ଫଳ ଖାଇବା ଉଚିତ୍ । ବିଭିନ୍ନ ପ୍ରକାର ଫଳରେ ଭିନ୍ନ ଭିନ୍ନ ଭିଟାମିନ୍ ଥାଏ । ଏହା ଆମକୁ ବିଭିନ୍ନ ପ୍ରକାର ରୋଗଠାରୁ ଦୁରେଇ ରଖେ । ଆମ୍ବରେ ବିଟା କାରୋଟିନ୍ ତଥା ଜୀବସାର ଗ' ପ୍ରଚୁର ପରିମାଣରେ ମିଳେ । ଏଥିରେ ଥିବା ବାୟୋଫ୍ଲୋଭୋନୟକ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏଥିରେ ଥିବା ଅଦ୍ରବଣୀୟ ତନ୍ତୁ କୋଷ୍ଠକାଠିନ୍ୟ ଦୂର କରିବାରେ ସାହାଯ୍ୟ କରିଥାଏ ।



କମଳାରେ ସର୍ବୋତ୍କୃଷ୍ଟ ଜୀବସାର ଗ' ରହିଛି । ଏହା ଶରୀରକୁ ସ୍କର୍ଭି ରୋଗରୁ ରକ୍ଷା କରିଥାଏ ଏବଂ ପ୍ରାକୃତିକ ଭାବେ ମଧ ଶରୀରକୁ ରକ୍ଷା କରିଥାଏ । ପ୍ରତ୍ୟେକ ଦିନ ଆମମାନଙ୍କ ପାଇଁ ଆବଶ୍ୟକ ହେଉଥିବା ତନ୍ତୁର ୨୮ ପ୍ରତିଶତ ଗୋଟିଏ କମଳା ଖାଇବା ଦ୍ୱାରା ପୁରଣ ହୋଇଥାଏ ।

କମଳା ଭଳି ଲେମ୍ବୁ ମଧ ଜୀବସାର ଗ'ରେ ଭରପୁର ଓ ସ୍କର୍ଭି ରୋଗ ଦୂର କରିବାରେ ସାହାଯ୍ୟ କରେ । ଚକ୍ଷୁରୋଗ ତଥା ମେଦ ସମସ୍ୟାରୁ ଏହା ମୁକ୍ତି ଦେଇଥାଏ । ପ୍ରତିଦିନ ସକାଳୁ ଲେମ୍ବୁ ସର୍ବତ୍ ପିଇବା ଦ୍ୱାରା ପୁରୁଷଙ୍କ ଶୁକ୍ରାଣୁ ସୁରକ୍ଷିତ ରହେ ଓ ଶରୀରରୁ ସମସ୍ତ ବିଷ ଓ ମଇଳା ବାହାରିଯାଏ । ନିୟମିତ ଲେମ୍ବୁ ଖାଇବା ଦ୍ୱାରା ପ୍ରଶିରା ଶକ୍ତ ହୁଏ ।

# ଡାଳିମ୍ବର ଉପକାରିତା

ପ୍ରାୟ ବର୍ଷସାରା ଉପଲବ୍ଧ ହେଉଥିବା ଡାଳିମ୍ବ ଶରୀର ପାଇଁ ଖୁବ୍ ଉପକାରୀ । ଯଦିଓ ଅନେକେ ଏହାକୁ ପୁଷ୍ଟିକର ଫଳ ଭିତରେ ଅନ୍ତର୍ଭୁକ୍ତ କରନ୍ତି ନହିଁ । ଏହା କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ।

ଯଦି କେହି ଗର୍ଭବତୀ ମହିଳା ପ୍ରତିଦିନ ଡାଳିମ୍ବ ଜୁସ୍ ପିଅନ୍ତି ତେବେ ତାଙ୍କର ଶିଶୁଟି ସୁସ୍ଥ ହୋଇ ଜନ୍ମ ହେବ ଏବଂ କମ୍ ଓଜନ ବା ଅପପୁଷ୍ଟି ପରି ସମସ୍ୟାରେ ପଡିବ ନାହିଁ ।

ଡାଳିମ୍ବ ଆଣ୍ଟିଅକ୍ସିଡାଣ୍ଟରେ ଭରପୁର । ଏହା ଶରୀରକୁ କୋଷଗୁଡିକର ଫ୍ରି ରାଡିକାଲସରୁ ସୁରକ୍ଷିତ ରଖେ । ତେଣୁ ସମୟ ପୂର୍ବରୁ ବାର୍ଦ୍ଧକ୍ୟ ଆକ୍ରମଣ କରିପାରେ ନାହିଁ । ସୂର୍ଯ୍ୟ କିରଣ ଏବଂ ପରିବେଶରେ ଥିବା ବିଷାକ୍ତ ତତ୍ତ୍ୱ ଯୋଗୁଁ ଶରୀରରେ ଫ୍ରି ରାଡିକାଲସ୍ ସୃଷ୍ଟି ହୋଇଥାଏ ।

ଡାଳିମ୍ବ ପ୍ରାକୃତିକ ଭାବେ ରକ୍ତକୁ ପତଳା କରିବାରେ ସହାୟକ । ରକ୍ତ ଦୁଇ ପ୍ରକାରରେ ଜମାଟ ହୋଇଥାଏ । ପ୍ରଥମତଃ କଟିବା କିମ୍ବା ପୋଡିଯିବା କ୍ଷେତ୍ରରେ ରକ୍ତ ଜମାଟ ବାନ୍ଧେ ଯାହା ରକ୍ତ ବହିବାକୁ ଦିଏନାହିଁ ।



ଅପରପକ୍ଷରେ, ଶରୀରରେ ରକ୍ତ ଆଭ୍ୟନ୍ତରୀଣ ଭାବେ ବି ଜମାଟ ବାନ୍ଧେ । ଏହା ଖୁବ୍ ଭୟଙ୍କର । ବିଶେଷକରି ହୃଦୟ ଏବଂ ଧମନୀରେ ଯଦି ରକ୍ତ ଜମାଟ ବାନ୍ଧିଯାଏ, ତେବେ ଏହାର ପରିଣାମ ଘାତକ ହୋଇପାରେ । ପେଟ ପାଇଁ ଥିନର ଯେଭଳି କାମ କରେ ରକ୍ତ ପାଇଁ ଡାଳିମ୍ବ ଠିକ୍ ସେହିପରି କାମ କରିଥାଏ । ରକ୍ତକୁ କୌଣସି ପ୍ରକାରେ ଜମାଟ ବାନ୍ଧିବାକୁ ଦିଏ ନାହିଁ ।

ବଢ଼ନ୍ତା ବୟସ ଏବଂ ଭୁଲ୍ ଖାଦ୍ୟାଚାର ଯୋଗୁ ରକ୍ତନଳୀ ଭିତରପାଖରେ କୋଲେଷ୍ଟେରଲ ଏବଂ ଅନ୍ୟ ଜିନିଷ ଜମି ଏହା ଟାଣ ହୋଇଯାଏ । ତେଣୁ ରକ୍ତପ୍ରବାହରେ ବାଧା ସୃଷ୍ଟି ହୁଏ । ଡାଳିମ୍ବର ଆଣ୍ଟିଅକ୍ସିଡାଣ୍ଟ ଗୁଣ ଯୋଗୁଁ ଏହା କମ୍ ଘନତ୍ୱ ଥିବା ଲିପୋପ୍ରୋଟିନ୍ ଏବଂ କୋଲେଷ୍ଟେରଲକୁ ଅକ୍ସିଡାଇଜ୍ ଦ୍ୱାରା ରୋକେ । ଅର୍ଥାତ୍ ରକ୍ତବାହୀ ନଳୀ ଭିତରପାଖରେ ଅତିରିକ୍ତ ଚର୍ବି ଜମାଟ ବାନ୍ଧିବାକୁ ଦିଏନାହିଁ ।

ଅକ୍ସିଜେନ୍ ମାସ୍କ ପରି ଡାଳିମ୍ବ କାମ କରେ । ଅର୍ଥାତ୍ ଏହାରଜୁସ୍ ରକ୍ତରେ ଅମ୍ଳଜାନ ସ୍ତର ବଢ଼ାଏ । ଏହାର ଆଣ୍ଟିଅକ୍ସିଡାଣ୍ଟ କୋଲେଷ୍ଟେରଲ କମ୍ କରେ, ଫ୍ରି ରାଡିକାଲସରୁ ସୁରକ୍ଷା ଦିଏ ଏବଂ ରକ୍ତ ଜମାଟ ବାନ୍ଧିବାକୁ ଦିଏନାହିଁ । ତେଣୁ ହୃଦ୍‌ରୋଗୀମାନଙ୍କ ପାଇଁ ବି ଏହା ଉପକାରୀ । ତେବେ ହୃଦରୋଗୀଙ୍କ ଔଷଧ ସହିତ ମିଶାଇଲେ ଏହା ପ୍ରତିକ୍ରିୟା ସୃଷ୍ଟି କରିପାରେ ।

ବିଭିନ୍ନ ଗଣ୍ଠିରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କର କାର୍ଟିଲେଜକୁ ସୁରକ୍ଷିତ ରଖେ ଡାଳିମ୍ବ । ଏହା କାର୍ଟିଲେଜ୍ ନଷ୍ଟ କରୁଥିବା ଏନଜାଇମ୍‌ର ପ୍ରତିରୋଧ କରିବା ସହ ପୋଡାଜଳା କରିବା ଏବଂ ଫୁଲିବା ସମସ୍ୟାରୁ ସୁରକ୍ଷା ଦିଏ । ଅସ୍ଥିକୁ ସୁସ୍ଥ ରଖେ ।

ପୁରୁଷମାନଙ୍କ ପାଇଁ ମଧ ଡାଳିମ୍ବ ଖୁବ୍ ଉପକାରୀ । ଏହା ସେମାନଙ୍କର ପାରିବାରିକ ଜୀବନକୁ ସୁସ୍ଥ ରଖେ ।

ଗବେଷଣାରୁ ଜଣାପଡିଛି ଯେ,ଡାଳିମ୍ବରେ ଥିବା ତତ୍ତ୍ୱ କ୍ୟାନସର କୋଷଗୁଡିକର ବିକାଶକୁ ମନ୍ଥର କରି ସେଗୁଡିକୁ ନଷ୍ଟ କରିଦିଏ । ଝାଡ଼ାବାନ୍ତି ରୋଗରେ ବି ଡାଳିମ୍ବ ଖାଇବା ଲାଭଦାୟକ । ଏହା ବିନା କ୍ୟାଲୋରୀର ଫଳ ହୋଇଥିବାରୁ ଓଜନ ବଢ଼ିବାକୁ ଦିଏନାହିଁ । ଏଥି ସହିତ ଆଲଝିମର ପରି ସ୍ମୃତିଶକ୍ତି ସହ ଜଡିତ ରୋଗରୁ ସୁରକ୍ଷା ଦେବାରେ ବି ଡାଳିମ୍ବ ଖୁବ୍ ଭଲ ।

# ଶ୍ୱାସକ୍ରିୟା ସମସ୍ୟା ଦୂର କରେ ଭିଟାମିନ୍ 'ସି'

ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । କେତେକ କାରଣରୁ ଅନେକ ଶ୍ୱାସକ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ହେଲେ, ଏମାନେ ଯଦି ନିୟମିତ ଭାବେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟକୁ ପ୍ରତିଦିନ ଖାଉଥିବା ଖାଦ୍ୟ ତାଲିକାରେ ସାମିଲ୍ କରିବେ, ତେବେ ଅନେକାଂଶରେ ଏଥିରୁ ରକ୍ଷା ପାଇପାରିବେ । ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି କଥା ଏକ ସଦ୍ୟତମ ସର୍ଭେରୁ ଜାଣିପାରିଛନ୍ତି । ପରୀକ୍ଷାମୂଳକ ଭାବରେ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡ଼ିଥିଲା । ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ । ହୃତ୍‌ପିଣ୍ଡକୁ ମଧ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ ବୋଲି ରିପୋର୍ଟରେ ଦର୍ଶାଯାଇଛି । ଅମୃତଭଣ୍ଡା, ପିକୁଳି, ବ୍ରୁକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି ।

# ଆପଣ ଜାଣନ୍ତି କି ?

- ମହାବଳ ବାଘର ଗର୍ଜନ ପ୍ରାୟ ୩ କି.ମି ଦୂର ପର୍ଯ୍ୟନ୍ତ ଶୁଣାଯାଇ ପାରେ ।
- ବିଶ୍ୱରେ ଯେତେ ବାଘ ଜଙ୍ଗଲରେ ଅଛନ୍ତି ଆମେରିକାରେ ତା'ଠାରୁ ଅଧିକ ବାଘ ଅଛନ୍ତି ।
- ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ନେପାଳ ଓ ଭାରତ ସୀମାରେ ଏକ ମହାବଳ ବାଘ ଏକାକୀ ୪୩୦ ଲୋକଙ୍କୁ ମାରିଥିଲା । ମୃତକଙ୍କ ମଧ୍ୟରେ ଉଭୟ ଭାରତ ଓ ନେପାଳ ଦେଶର ନାଗରିକ ଥିଲେ ।
- ବିଲେଇର ୯୫.୬ ପ୍ରତିଶତ ଡିଏନଏ ବାଘର ଡିଏନଏ ସହ ମିଶି ଯାଇଥାଏ ।
- ମନୁଷ୍ୟ ହାତ ପାପୁଲିର ରେଖା ଯେପରି ଅଦ୍ୱିତୀୟ, ଅର୍ଥାତ୍ ଜଣକର ରେଖା ଅନ୍ୟ କାହା ସହ ମିଶେ ନାହିଁ, ସେହିପରି ବାଘ ଶରୀରରେ ଥିବା ଚିତ୍ରବିଚିତ୍ର ରଙ୍ଗ ଅନ୍ୟ ବାଘ ସହ ମିଶେ ନାହିଁ । ସବୁ ବାଘଙ୍କ ରଙ୍ଗ ପରସ୍ପର ଠାରୁ ଅଲଗା ।
- ସବୁଠାରୁ ଅଧିକ ବାଘ ଜଙ୍ଗଲ ଅପେକ୍ଷା ସାଇବେରିଆର ତୁଷାରାଚ୍ଛନ୍ନ ଅଞ୍ଚଳରେ ରହନ୍ତି ।
- ବାଘ ସାଧାରଣତଃ ଭାଲୁକୁ ଶିକାର କରେ ନାହିଁ । ତେବେ ବୟସ୍କ ଭାଲୁ ଅର୍ଥାତ୍ ଦୁର୍ବଳ ଭାଲୁକୁ ଦେଖିଲେ ବାଘ ଆକ୍ରମଣ କରିଥାଏ ।
- ଏସିଆରେ କେବଳ ସର୍ବ ପୁରାତନ ବାଘ ଦେଖିବାକୁ ମିଳିଥାଏ ।
- ବାଘ, ସିଂହ ଓ ବିଲେଇ ମିଠାର ସ୍ୱାଦ ଜାଣି ପାରୁ ନଥିବାରୁ ସେମାନେ ମିଠା ଦ୍ରବ୍ୟ ଖାଆନ୍ତି ନାହିଁ ।
- ସାଧାରଣ ବାଘଠାରୁ ଧଳା ବାଘଙ୍କ ଦୃଷ୍ଟି ଶକ୍ତି ପ୍ରଖର । ଏମାନେ ରାତିରେ ବିନା ଆଲୋକରେ ଶିକାର କରିବାରେ ସକ୍ଷମ ।

# ଅତ୍ୟଧିକ ଖାଦ୍ୟ ଓ ସ୍ମରଣ ଶକ୍ତି

ମନଲୋଭା ଖାଦ୍ୟ ଖାଇବାକୁ କିଏ ବା ଭଲ ନ ପାଏ ? ହେଲେ ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି । ଏହା ହୁଏତ ମନକୁ ସାମୟିକ ଶାନ୍ତି ଦେଇପାରେ, ହେଲେ ଏହାର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଆବଶ୍ୟକତାଠାରୁ ସବୁବେଳେ ଯଦି ଅଧିକ ଖାଦ୍ୟ ଖାଆନ୍ତି ତେବେ ତାହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଏଭଳି ଅଭ୍ୟାସ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ । ଏମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ଖାଇବାକୁ ଏକ ଅଭ୍ୟାସରେ ପରିଣତ କରିଦେଇଥିଲେ ସେମାନଙ୍କର ସ୍ମରଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଇପାରନ୍ତି । ସବୁବେଳେ ଆବଶ୍ୟକତା ଠାରୁ ଅଧିକ ଖାଇଲେ ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ । କେବଳ ସେତିକି ନୁହେଁ, ଏହାଦ୍ୱାରା ପେଟଜନିତ ସମସ୍ୟା ଆବଶ୍ୟକତାଠାରୁ ଦେଖାଦିବାର ମଧ ଆଶଙ୍କା ରହିଛି ।



# ସ୍ୱାସ୍ଥ୍ୟୋପଯୋଗୀ ତରଭୁଜ

ଖରାଦିନେ ତରଭୁଜର ଚାହିଦା କାହିଁରେ କେତେ ରହିଥାଏ । ଏହା ଏମିତି ଏକ ଫଳ ଯାହାକୁ ଖାଇଲେ କିମ୍ବା ତା'ର ଜୁସ୍ ପିଇଲେ, ଶରୀରକୁ ବେଶ୍ ତାଜା ଅନୁଭବ ହୁଏ । ଭୋକ ଲାଗୁଥିଲେ, ଏହି ଜୁସ୍‌ରୁ ଗୋଟେ ଗ୍ଲାସ୍ ପିଇଦେଲେ ପେଟ ସହ ମୁଣ୍ଡ ବି ଥଣ୍ଡା ହୋଇଯାଏ । ଯଦ୍ୱାରା ମନରେ ରାଗ ଆସୁଥିଲେ ତାହା ବି କିଛି ସମୟ ପାଇଁ କମିଯାଏ । ଏଥିରେ ଭିଟାମିନ୍ 'ଏ' ରହୁଥିବାରୁ ଏହା ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ ଲାଭଦାୟକ ହୋଇଥାଏ । ସେହିପରି ଏଥିରେ ଲାଇକୋପିନ୍‌ର କିଛି ମାତ୍ରା ରହୁଥିବା ଯୋଗୁ ଏହା ତ୍ୱଚାରେ ଚମକ ଆଣିବାରେ ବି ସହାୟକ ହୋଇଥାଏ । ହୃଦ୍ ସମ୍ବନ୍ଧୀୟ ରୋଗରୁ ମଧ ଉପଶମ ଦେବାରେ ତରଭୁଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ । ସେହିପରି କୁହାଯାଏ, ନିୟମିତ ତରଭୁଜ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଶରୀରରେ ରକ୍ତର ପରିମାଣ ବି ବୃଦ୍ଧି ହୁଏ । ଏହାକୁ କେବଳ ଖାଇପାରିବେ ତାହା ନୁହେଁ, ଏହାକୁ ତ୍ୱଚାରେ ମସାଜ୍ କଲେ ବ୍ଲାକ୍‌ହେଡ୍ସ କମିବା ସହ ଚେହେରାରେ ଚମକ ଆସିଥାଏ । ଏହାର ମଞ୍ଜି ବି ବହୁତ ଲାଭଦାୟକ ହୋଇଥାଏ । ଏହାକୁ ବାଟି ତ୍ୱଚାରେ ଲଗାଇଲେ ତ୍ୱଚାର ଚମକ ବୃଦ୍ଧି ପାଇବା ସହ ମୁଣ୍ଡ ବିନ୍ଧା ସମସ୍ୟାରୁ ବି ମୁକ୍ତି ମିଳିଥାଏ । ସବୁଠୁ ବଡ଼ କଥା ହେଉଛି, ଶରୀରର ମୋଟାପଣ କମ୍ କରିବାରେ ବି ତରଭୁଜକୁ ଏକ ପୌଷ୍ଟିକ ଫଳ ଭାବେ ସାଧାରଣରେ ବିବେଚନା କରାଯାଇଥାଏ ।



# କହିପାରିବେ କି ?

(୧) କେଉଁ ଗ୍ୟାସ୍ ସଂସ୍ପର୍ଶରେ ଆସିଲେ ପିତ୍ତଳ କଳା ପଡିଯାଏ ?
(୨) କେଉଁ ଶାସକଙ୍କ ସମୟକୁ ମୋଗଲ ସ୍ଥାପତ୍ୟର ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ ?
(୩) ରବୀନ୍ଦ୍ର ନାଥ ଟାଗୋରଙ୍କ 'ଜନଗଣମନ'ର କେତୋଟି ପଦକୁ ଗାନ କରାଯାଉଛି ?
(୪) ଭାରତର ପାରମ୍ପରିକ ନୃତ୍ୟ ଗୁଡିକର ମୁଖ୍ୟ ଉତ୍ସ 'ନାଟ୍ୟ-ଶାସ୍ତ୍ର'ର ରଚୟିତା କିଏ ?
(୫) ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ଲାଗି ସର୍ବନିମ୍ନ ବୟସ କେତେ ?
(୬) ରାଷ୍ଟ୍ରପତି କାହା ପରାମର୍ଶ ନେଇ ଲୋକସଭା ଭଙ୍ଗ କରନ୍ତି ?
(୭) କେଉଁ ଭାରତୀୟ ଲେଖକ ପ୍ରଥମ ଜ୍ଞାନପୀଠ ପୁରସ୍କାର ପାଇଥିଲେ ?
(୮) ସ୍ୱର୍ଣ୍ଣ ମନ୍ଦିର କେଉଁଠାରେ ଅବସ୍ଥିତ ?
(୯) କେଉଁ ଭିଟାମିନ୍ କୁ ରେଟିନଲ ବୋଲି କୁହାଯାଏ ?
(୧୦) ରାଜ୍ୟସଭାର କେତେଜଣ ସଦସ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି ?

**JUMBLE WORDS**

| | | | |
|---|---|---|---|
| 1) FLUERF | = | 6) LPXEE | = |
| 2) ENLRI | = | 7) TOIDT | = |
| 3) DOYDL | = | 8) SNYINK | = |
| 4) MRADYE | = | 9) LOTIVE | = |
| 5) PXOEES | = | 10) PHIOP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଓଟ, ୨.ନୀଳତିମି, ୩.ଅଙ୍ଗାରକାମ୍ଳ, ୪.ତିହତ, ୫.ସାତଟି, ୬.୪୨ ଟି, ୭.ସମୁଦ୍ର, ୮. ମହୁ, ୯.ଜିଭ, ୧୦. ୪ ରୁ ୫ ଘଣ୍ଟା ।

***Jumble Words*** **ର ଉତ୍ତର :-**

(1) CLING (2) KNELT (3) HIATUS (4) SCENIC (5) GRIPE
(6) SHIRT (7) APPEAR (8) HYBRID (9) OCCUR (10) MACAW



## ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)



## ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

## ନବୀନ ପଟ୍ଟନାୟକ ୯ ନମ୍ବର ଥର ପାଇଁ ବିଜେଡି ସଭାପତି



ଭୁବନେଶ୍ୱର : ବିଜେଡ଼ିର ସାଙ୍ଗଠନିକ ନିର୍ବାଚନରେ ନବୀନ ପଟ୍ଟନାୟକ ୯ ନମ୍ବର ଥର ପାଇଁ ସଭାପତି ନିର୍ବାଚିତ ହୋଇଛନ୍ତି । ଏହି ପଦବୀ ପାଇଁ ସେ ଏକମାତ୍ର ପ୍ରାର୍ଥୀ ରୂପେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେ ସଭାପତି ନିର୍ବାଚିତ ହୋଇଥିବା ବିଷୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି ।

## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସମ୍ବଲପୁର ଜିଲ୍ଲା ଶାଖା ବୈଠକ



ସମ୍ବଲପୁର : ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସମ୍ବଲପୁର ଜିଲ୍ଲା ଶାଖାର ଏକ ବୈଠକ ସଭାପତି ସନ୍ତୋଷ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ର, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା ଓ ଯୁଗ୍ମ ସଂପାଦକ ମାନଭଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଜିଲ୍ଲା ସଂଗଠନକୁ କିପରି ଲୋକାଭିମୁଖୀ ଓ ଦୃଢ଼ କରାଯିବ ସେ ବାବଦରେ ଆଲୋଚନା କରିଥିଲେ । ପରିଷଦର ଜିଲ୍ଲା ଶାଖାର ସଭାପତି ସନ୍ତୋଷ ବାରିକ ଓ ସଂଯୋଜକ ଦିଲ୍ଲୀପ କୁମାର ବଡ଼େଇ ତାଙ୍କ ପଦବୀରୁ ଇସ୍ତଫା ଦେବା ପରେ ଏକ ଆଡ଼ହକ କମିଟି ଗଠନ କରାଯାଇଥିଲା । ଏହି କମିଟିରେ ସନ୍ତୋଷ କୁମାର ବାରିକ ସଭାପତି, ସତ୍ୟନାରାୟଣ ବିଶି ସମ୍ପାଦକ, ବଳରାମ ମାହାଣା ସଂଯୋଜକ ଓ ଅରୁଣ କୁମାର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ସେହିପରି ଦିଲ୍ଲୀପ କୁମାର ବଡ଼େଇ, କୃଷ୍ଣଚନ୍ଦ୍ର ବଡ଼େଇ, ତେଜରାଜ ପଣ୍ଡା, ଅନିଲ ଦାଶ ଓ ତୁଷାର ରଞ୍ଜନ ବାରିକଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା । ଜିଲ୍ଲା ଶାଖା ପୁନର୍ଗଠନ ପରେ ଜିଲ୍ଲାର ୯ ବ୍ଲକରେ ବ୍ଲକ ସଂଯୋଜକ, ବ୍ଲକ ସଭାପତି, ପଞ୍ଚାୟତ ସଭ୍ୟ, ଜିଲ୍ଲା ସଂଯୋଜକ, ଜିଲ୍ଲା ସଭାପତି, କୋଷାଧ୍ୟକ୍ଷ, ଉପଦେଷ୍ଟା କମିଟି ସଦସ୍ୟମାନଙ୍କୁ ଚୟନ କରାଯିବା ନେଇ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।



କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ବହୁ ପ୍ରତୀକ୍ଷିତ ପୂଜାରୀପାଲି-ଜରିମୁଲି ସମ୍ପର୍କ ସେତୁର ଆଭାସି ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭିଖମପାଲି ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ ।

## ବେଦାନ୍ତ କମ୍ପାନୀ ବିରୋଧରେ ଟ୍ରକ ମାଲିକ ସଂଘ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଝାରସୁଗୁଡା: ଝାରସୁଗୁଡା ଜିଲ୍ଲା ଅନ୍ତର୍ଗତ ବ୍ରଜରାଜନଗର ଟ୍ରକ ମାଲିକ ସଂଘ ଓ ବନ୍ଧବହଲ ସମଲେଶ୍ୱରୀ ଟ୍ରକ ମାଲିକ ସଂଘ ବେଦାନ୍ତ କମ୍ପାନୀ ବିରୋଧ ରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଟ୍ରକ ମାଲିକ ସଂଘଙ୍କ ଅଭିଯୋଗ କ୍ରମେ ଗତ ୨୦୦୫ ମସିହା ଠାରୁ ଏହି ଦୁଇ ସଂଘ ନିଷ୍ଠାପର ଭାବରେ ବେଦାନ୍ତ କମ୍ପାନୀରେ କୋଇଲା ପରିବହନ କାର୍ଯ୍ୟକରି ଆସୁଛନ୍ତି । ବର୍ତ୍ତମାନ କାର୍ଯ୍ୟରତ ସମସ୍ତ ଟ୍ରକ ଗୁଡିକ ତାଙ୍କର ସମସ୍ତ ଫିଟନେସ ତଥା ଆବଶ୍ୟକୀୟ କାଗଜପତ୍ର ଥାଇ ମଧ କମ୍ପାନୀ ବିଭିନ୍ନ ଆଳ ଦେଖାଇ କୋଇଲା ପରିବହନ କାର୍ଯ୍ୟକୁ ବନ୍ଦ କରି ଦେଇଥିଲା । ଫଳରେ ଦୁଇ ସଂଘ ତରଫରୁ ପ୍ରାୟ ୪୫ ଶହ ଟ୍ରକ ବନ୍ଦ ହୋଇ ପଡିଛି । ଝାରସୁଗୁଡା ଜିଲ୍ଲା ରେ ଥିବା ବ୍ରଜରାଜନଗର ଓ ଲଖନପୁର ବ୍ଲକର ୪୦ ପ୍ରତିଶତ ଲୋକ ଏହି କୋଇଲା ପରିବହନ ଉପରେ ହିଁ ନିର୍ଭର କରି ଚାଲିଥାନ୍ତି । କିନ୍ତୁ ବେଦାନ୍ତ କମ୍ପାନୀର ଏପରି କାର୍ଯ୍ୟ ଯୋଗୁଁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଛି । ଏଣୁ ଏହି ଦୁଇ ଟ୍ରକ ସଂଘର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ମାଲିକମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପାଇଁ ପହଞ୍ଚିଥିଲେ । ଜିଲ୍ଲାପାଳ ସୁନୀଲ ଆବୋଲି ନରଓ୍ୱାଣେ ଏହି ଘଟଣାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ କିଶୋର ସ୍ୱାଇଁ ଓ ଜିଲ୍ଲା ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଢୀ ଜିଲ୍ଲା କାର୍ଯ୍ୟାଳୟକୁ ଆସି ବେଦାନ୍ତର ଅଧିକାରୀ, ଟ୍ରକ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ପରେ ଟ୍ରକ ଗୁଡିକ ଚଳାଇବା ପାଇଁ ବେଦାନ୍ତ ରାଜି ହେବା ସହ ଏହାକୁ ନେଇ ଲିଖିତ କାଗଜ ପତ୍ର ମଧ ଜିଲ୍ଲା ପ୍ରଶାସନ ଟ୍ରକ ସଂଘକୁ ଦେଇଛନ୍ତି । ଏହି ଆଲୋଚନା ବେଳେ ସମଲେଶ୍ୱରୀ ଟ୍ରକ ମାଲିକ ସଂଘର ସଭାପତି ଅଖିଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ମହାନ୍ତି ଏବଂ ବ୍ରଜରାଜନଗର ଟ୍ରକ ମାଲିକ ସଂଘର ସଭାପତି ଦେବ ଦାସ, ସମ୍ପାଦକ ଧନଞ୍ଜୟ ସିଂ ତଥା ଝାରସୁଗୁଡା ଜିଲ୍ଲାର ଶହ ଶହ ଟ୍ରକ ମାଲିକ ମାନେ ଉପସ୍ଥିତ ଥିଲେ ।

# ସମ୍ବଲପୁରରେ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ

ସମ୍ବଲପୁର : ସମ୍ବଲପୁରରେ ହନୁମାନ ଜୟନ୍ତୀ ଉତ୍ସବ ଭକ୍ତିମୟ ପରିବେଶରେ ଆୟୋଜିତ ହୋଇଯାଇଛି । ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିବା ବେଳେ ସମଗ୍ର ସହର ଗୈରିକମୟ ହୋଇ ଯାଇଥିଲା । ହଜାର ହଜାର ଲୋକ ଶୋଭାଯାତ୍ରାରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ । ୧୦ ବର୍ଷରୁ ୮୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ସହରବାସୀ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇ ନୃତ୍ୟ ଓ ସମରକଳାରେ ନିଜ କଳା ପ୍ରଦର୍ଶନ କରି ମନଭରି ଉପଭୋଗ କରୁଥିଲେ । ୨୦୨୩ ମସିହାରେ ହନୁମାନ ଜୟନ୍ତୀ ସମୟରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ହୋଇଥିବାରୁ ଚଳିତବର୍ଷ ଜିଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଥିଲା । ସମଗ୍ର ସହର ପୁଲିସ ଛାଉଣିରେ ପରିଣତ ହୋଇଥିବା ବେଳେ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଏଡିଜି ସଞ୍ଜୟ କୁମାର ପ୍ରମୁଖ ସମ୍ବଲପୁରରେ ଡେରା ପକାଇ ନିରନ୍ତର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଆବଶ୍ୟକ ପରାମର୍ଶ ଦେଇଥିଲେ ।

ଚଳିତବର୍ଷ ହନୁମାନ ଜୟନ୍ତୀ ଉତ୍ସବରେ ଆୟୋଜିତ ଭବ୍ୟ ସାଂସ୍କୃତିକ ଓ ଧାର୍ମିକ ଶୋଭାଯାତ୍ରା ମିନି ଶୀତଳଷଷ୍ଠୀର ଭ୍ରମ ସୃଷ୍ଟି କରିଥିଲା । ହନୁମାନ ଜୟନ୍ତୀ ସମନ୍ୱୟ ସମିତି





ପକ୍ଷରୁ ଭକ୍ତି ଓ ଶକ୍ତି ସହିତ ପରମ୍ପରା ଓ ସାଂସ୍କୃତିକ ମହାମିଳନର ସଫଳ ଉଦ୍ୟମ କରାଯାଇଥିଲା । ବୃନ୍ଦହିଲ ସ୍ଥିତ ଶ୍ରୀରାମ ମନ୍ଦିରରେ ଶ୍ରୀରାମ ଓ ଶ୍ରୀ ହନୁମାନଙ୍କ ମହାଆଳତି କରାଯାଇଥିଲା । ଏହା ପରେ ଜିଲ୍ଲାସ୍କୁଲ ଛକରେ ଆକର୍ଷଣୀୟ ଆଳତି ଓ ଆତିସବାଜି କରାଯାଇଥିଲା । ମୁଖ୍ୟ ଶୋଭାଯାତ୍ରା ଜିଲାସ୍କୁଲ ଛକରୁ ବାହାରି ଭିଏସ୍‌ଏସ୍ ମାର୍ଗ, ଲକ୍ଷ୍ମୀଟକିଜ, ମୁଦିପଡ଼ା, କୁଞ୍ଜେଲପଡ଼ା, ଝାଡୁଆପଡ଼ା, ଦଲେଇପଡ଼ା, ମ୍ୟୁନିସିପାଲିଟି ଛକ ଦେଇ ଶକ୍ତିସଂଘ ଛକରେ ପହଞ୍ଚିଥିଲା । ମୁଖ୍ୟ ଶୋଭାଯାତ୍ରାରେ ହନୁମାନ ମେଢ଼, ବଲାଙ୍ଗିରର ଘଣ୍ଟଦଳ, ପୁରୀର ଘଣ୍ଟ ଓ ଶଙ୍ଖଦଳ, ମହାରାଷ୍ଟ୍ରର ଢୋଲ, ଦିଲ୍ଲୀର ବିଗ୍ ହନୁମାନ, ଆଜମେରର ଅଘୋରୀ, ଦିଲ୍ଲୀର ବାନରସେନା, ବୌଦ୍ଧର ମୟୂରୀ ଶବରନୃତ୍ୟ, ପୁରୀର ନାଗା, ଦୁର୍ଗା ଓ କାଳୀ ମେଢ଼ ନୃତ୍ୟ, ଜଙ୍ଗଲୀ ନୃତ୍ୟ, ଭବାନୀପାଟଣାର କଟ୍ଟପ୍ପା ଓ ଘୋଡ଼ା ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡ଼ା, ଆଦିବାସୀ ନୃତ୍ୟ, ବ୍ରହ୍ମପୁରର ମୁଖାନୃତ୍ୟ, ହେମଗିରର ଝୁଲାନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ, ସୁନ୍ଦରଗଡ଼ର କରମା ନୃତ୍ୟ, ରାୟଗଡ଼ାର ଢେ଼ମସା ନୃତ୍ୟ, ରାଜଗାଙ୍ଗପୁରର କଳସ ନୃତ୍ୟ, ସମ୍ବଲପୁରର ଦୁଦୁଲି ବାଜା, ଦୁର୍ଗା ବାହିନୀ ଓ ଡିଜେ ବାଦ୍ୟ ସାମିଲ ଥିଲେ । ପ୍ରତ୍ୟେକ ଆଖଡ଼ାଦଳର ମୁଖ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତି ସଭାପତି ତଥା ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ନାଉରୀ ନାଏକ, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ପଣ୍ଡା, ସାଂସ୍କୃତିକ ଶୋଭାଯାତ୍ରା ସଂଯୋଜକ ସୁଶାନ୍ତ ପୁରୋହିତ, ସରୋଜ ଦଳପତ, ଅନୀଲ ବେହେରା, ସମୀର ରଞ୍ଜନ ବାବୁ, ଜୟବ୍ରତ ଦେ, ରାଜୀବ ଶତପଥୀ, ଗୋବିନ୍ଦ ଅଗ୍ରୱାଲ, ବିପିନ ଭାଟିଆ, ଶୁଭଶ୍ରୀ ମିଶ୍ର, ରିକନ ପଟ୍ଟନାୟକ, ପ୍ରଭୁଦତ୍ତ ପଣ୍ଡା, ଆଶିଷ ବାବୁ, ରାମଦାସ ପଣ୍ଡା, ସୌମିତ୍ର ଜତି, ସନ୍ତୋଷ ଡାଲୁଆ, ଅଜିତ ବେହେରା, ଅନୁପ ତରିଆ, ଶିବ ଦିୱାନ, କାହ୍ନୁରାମ ଶର୍ମା, ଗୋପାଳ ଅଗ୍ରୱାଲ, ଅନୁପ ଲାଟା ପ୍ରମୁଖ ଯୋଗ ଦେଇଥିଲେ ।

सत्यमेव जयते





## ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

## ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶା ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଏହି ଦିବସରେ ଆସନ୍ତୁ, ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra